

# କଟକ ସିଟି

## ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ



**କଟକ, ୨।୩ (ସମିସ):** ଆଜି ଅପରାହ୍ନରେ ଚୌଧୁରୀ ବଜାର ସ୍ଥିତ ଟାଉନ ହଲ ଠାରେ କଟକ ମେୟର ସୁବାସ ସିଂ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ବଣ୍ଟନ କରିଛନ୍ତି। ସୂଚନା ଅନୁଯାଇ ରାଧାକିଶୋରପୁର ବସ୍ତି, ଧବଳେଶ୍ୱର ଗଡ଼ା ବସ୍ତି, ସତୀ ଗୁମ୍ଫା ବସ୍ତି, ସତୀ ଗୁମ୍ଫା (ବି) ବସ୍ତି, ନିମ ବସ୍ତି, ତୁଳସୀପୁର ବସ୍ତି, ସତୀଚଉରା ହରିଜନ ସାହି ବସ୍ତି, ସାମନ୍ତ ସାହି ବସ୍ତି, ଥୋରୀଆ ସାହି ମୁଖ୍ୟ ବସ୍ତିର ଶତାଧିକ ଲୋକଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି ଅବସରରେ ମେୟର ସୁବାସ ସିଂଙ୍କ ସହିତ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ପ୍ରଳୟ ବେଉରା, ସିଏମସି ଉପ ଆୟୁକ୍ତ ଶ୍ୱେତପଦ୍ମା ଶତପଥି, କର୍ପୋରେଟର ଦୀପାଞ୍ଜଳି ସିଂ, କର୍ପୋରେଟର ନମିତା ବାରିକ, କର୍ପୋରେଟର ମମତା ନାୟକ, କର୍ପୋରେଟର ପ୍ରଦୀପ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଅଚିହ୍ନା ଯୁବକର ମୃତଦେହ ଉଦ୍ଧାର

**କଟକ, ୨।୩ (ସମିସ):** ମହାନଦୀର ଯୋବ୍ରା ଆନିକଟ ପାଖରୁ ଶନିବାର ଜଣେ ଅଚିହ୍ନା ଯୁବକର ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ପୂର୍ବାହ୍ନ ୧୦ଟାରେ ସନସେଟ୍ ପଏଣ୍ଟ ନିକଟରେ ଏକ ଶବ ଭାସୁଥିବା ଲୋକେ ଦେଖିଥିଲେ। ଖବର ପାଇ ମଙ୍ଗଳାବାଗ ଥାନା ପୁଲିସ ପହଞ୍ଚି ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲା। ଯୁବକଙ୍କର ଆନୁମାନିକ ବୟସ ୩୫ ବର୍ଷ ହେବ। ବର୍ଣ୍ଣ କଳା ହୋଇଥିବା ବେଳେ ଉଚ୍ଚତା ୫ ଫୁଟ ୪ ଇଞ୍ଚ। ସେ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ମୃତଦେହକୁ ଏସସିବି ନିଆଯାଇ ବ୍ୟବଚ୍ଛେଦ କରାଯାଇଛି। ପରିଚୟ ଜଣାନଥିବାରୁ ମୃତଦେହକୁ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଶବଗୃହରେ ରଖିବା ପାଇଁ ପୁଲିସ ବ୍ୟବସ୍ଥା କରିଛି। ପରିଚୟ ଜାଣିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ। ତେବେ ପରିଚୟ ଜାଣିବା ପାଇଁ ମୃତକଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଯାଇଥିବା ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

### କର୍କଟ ରୋଗ ଚିକିତ୍ସାରେ ଯୋଡ଼ି ହେଲା ନୂଆ ଅଧ୍ୟାୟ

# ଆରମ୍ଭ ହେବ ଜି ପ୍ଲସ୍-୧୫ ମହଲାର ନିର୍ମାଣ

**କଟକ, ୨।୩ (ସମିସ):**





ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ର(ଏଏଚ୍‌ପିଜିଆଇସି) ସମ୍ପ୍ରସାରଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ଇତିହାସ ରଚିଛନ୍ତି। ଏସ୍‌ସିବି ମେଡିକାଲକୁ ଏମ୍ସ-ପ୍ଲସ୍ କରିବା କ୍ଷେତ୍ରରେ ଏକାଧିକ ପଦକ୍ଷେପମାନ ନିଆଯାଉଛି। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ ରଖନ୍ତି ବୋଲି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବକ୍ତାମାନେ କହିଛନ୍ତି। ଏହି କ୍ରମରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପମାନ ନିଆଯାଉଛି। କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଏଏଚପିଜିଆଇସି ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଏହି ଅବସରରେ କର୍କଟ କେନ୍ଦ୍ର ପରିସରରେ ଅନୁଷ୍ଠିତ ସଭାରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ମେୟର ସୁବାସ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲ୍ଲାପାଳ ବିନିତ୍ ଭରଦ୍ୱାଜ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, କର୍କଟ କେନ୍ଦ୍ର ନିର୍ଦ୍ଦେଶକ ଦୀପକ ରାଉତ୍ରାୟ, ଡେପୁଟି ମେୟର ଦମୟନ୍ତୀ ମାଝି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ନିରାମୟ ଉପଦେଷ୍ଟା ଡକ୍ଟର ରଞ୍ଜନ କୁମାର ବିଶ୍ୱାଳ, ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସୁବାସ ରାୟ, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଉପଜିଲ୍ଲାପାଳ କମଳଜିତ୍ ଦାସ, ଓବିସିସି ଅଧୀକ୍ଷଣ ଯନ୍ତ୍ରୀ ଇଂ କଲ୍ଲୋ କିଶୋର ପ୍ରଧାନ, କର୍କଟ କେନ୍ଦ୍ର ପ୍ରଶାସନିକ ଅଧିକାରୀ ପ୍ରତିଭା ପୃଷ୍ଟି, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁଙ୍କ ସମେତ କର୍ପୋରେଟର, ପୂର୍ବତନ କର୍ପୋରେଟର, ଡାକ୍ତର, ପାରାମେଡିକାଲ କର୍ମଚାରୀଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। କର୍କଟ ରୋଗ ପ୍ରତିଷ୍ଠାନରେ ହେବାକୁ ଥିବା ନିର୍ମାଣ ଯୋଜନାରେ ୧୫ମହଲା ବିଶିଷ୍ଟ ଟାୱାରରେ ରହିବ ହଜାରରୁ ଅଧିକ ଶଯ୍ୟା। ସେଥିରେ ୧୩ଟି ବିଭାଗ, ୮୦ ଆଇସିୟୁ ବେଡ୍, ୯୦ଟି କ୍ୟାବିନ୍, ୫ଟି ସୁଟ୍, ୧୫ ଟେବୁଲ୍ ବିଶିଷ୍ଟ ମଡ୍ୟୁଲାର ଓଟି କମ୍ପେଲେକ୍ସ, ରକ୍ତଭଣ୍ଡାର, ଓପିଡି, ଜରୁରୀକାଳୀନ ବିଭାଗ, ଏକାଡେମିକ୍ ବ୍ଲକ, ଡ୍ରଗ୍ ୱେୟାର ହାଉସ୍, ଧର୍ମଶାଳାଠାରୁ ଆରମ୍ଭ କରି ସବୁ କିଛି ବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ କରାଯିବ। ଏଠାରେ କର୍କଟ ରୋଗୀମାନେ ଉନ୍ନତମାନର ଚିକିତ୍ସା ସୁବିଧା ପାଇପାରିବେ।

ପ୍ରକାଶ ଥାଉକି, ଏସ୍‌ସିବି ମେଡିକାଲକୁ ଏମ୍ସ ପ୍ଲସରେ ପରିଣତ କରାଯାଉଛି। ବଡ ମେଡିକାଲ ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ଏଏଚ୍‌ପିଜିଆଇସିର ଅନେକ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ପ୍ରତିଷ୍ଠାନ ପରିସରରେ ଆଉଟଡୋର(ଓପିଡି) କୋଠା, ପୁରୁଣା ଇନଡୋର କୋଠା, ରେଡକ୍ରସ କୋଠା ସମେତ ଅନ୍ୟ କିଛି କୋଠା ମଧ୍ୟ ଉଚ୍ଛେଦ କରାଯାଉଛି।



**ଭିତ୍ତିପ୍ରସ୍ତର ସ୍ଥାପନ କରି ଆଉ ଏକ ଇତିହାସ ରଚିଛନ୍ତି ମୁଖ୍ୟମନ୍ତ୍ରୀ**



## କଟକ କ୍ଲବ୍‌ର ୧୫୯ତମ ଜୟନ୍ତୀ

### ଏପ୍ରିଲ ୨ ତାରିଖରେ 'ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ' ପ୍ରତିଯୋଗିତା



**କଟକ, ୨।୩ (ସମିସ):** କଟକ କ୍ଲବର ୧୫୯ତମ ଜୟନ୍ତୀ ଉତ୍ସବ ପରିପ୍ରେକ୍ଷୀରେ ଆସନ୍ତା ଏପ୍ରିଲ ୨ ତାରିଖରେ କ୍ଲବ ପରିସରରେ 'ଏମଜିଏମ ଭଏସ ଅଫ ବାରବାଟୀ' ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୫ରୁ ୨୫ ବର୍ଷ ପର୍ଯ୍ୟନ୍ତ ଉଭୟ ବାଳକ ବାଳିକା ପ୍ରତିଭାବାନ କଣ୍ଠଶିଳ୍ପୀ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ପ୍ରଥମେ ଅଂଶଗ୍ରହଣକାରୀଙ୍କୁ ୭୯୭୮୨୬୭୬୫୦ ହ୍ୱାଟ୍ସଆପ୍ ନମ୍ବରରେ ୬୦ ରୁ ୯୦ ସେକେଣ୍ଡ ପର୍ଯ୍ୟନ୍ତ ଓଡ଼ିଆ କିମ୍ବା ହିନ୍ଦୀରେ ଗୀତ ଗାଇ ନିଜ ନାଁ, ଠିକଣା, ଫୋନ ନମ୍ବର ସହିତ ମାର୍ଚ୍ଚ ୧୦ ତାରିଖ ରାତି ୧୦ଟା ସୁଦ୍ଧା ପଠାଇବାକୁ ଶନିବାର କ୍ଲବ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ କ୍ଲବ୍‌ର ସଭାପତି ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ପ୍ରଥମ ପର୍ଯ୍ୟାୟ ଆସିଥିବା ସମସ୍ତ ଗୀତକୁ ଓଡ଼ିଶାର କିଛି ଶ୍ରେଷ୍ଠ ସଙ୍ଗୀତଜ୍ଞ ବିଚାର କରି ବାଛିବେ। ପରବର୍ତ୍ତୀ ପର୍ଯ୍ୟାୟରେ କ୍ଲବ୍ ପରିସରରେ ପ୍ରତିଯୋଗୀ ବିଚାରକଙ୍କ ସାମ୍ନାରେ ସଙ୍ଗୀତ ପରିବେଷଣ କରିବେ। ଏଥିରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନେ ଏପ୍ରିଲ ୨ରେ ଚୂଡାନ୍ତ ପ୍ରତିଯୋଗିତାରେ ଭାଗ ନେବେ। ସେଥିରେ ବିଚାରକଙ୍କ ନିଷ୍ପତ୍ତି ଅନୁଯାୟୀ ବିଜୟୀ ପ୍ରତିଯୋଗୀଙ୍କୁ ଅର୍ଥ ରାଶି ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ପ୍ରଥମ ସ୍ଥାନ ଅଧିକାରୀଙ୍କୁ ୫୦ହଜାର ଟଙ୍କା ସହିତ 'ଏମଜିଏମ ଭଏସ ଅଫ ବାରବାଟୀ'ଉପାଧି, ଦ୍ୱିତୀୟ ସ୍ଥାନ ନିମନ୍ତେ ୨୫ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ୧୫ ହଜାର ଟଙ୍କାର ଅର୍ଥ ରାଶି ସହିତ ମାନପତ୍ର ଏବଂ ଟ୍ରଫି ଦିଆଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ବସନ୍ତ ସାହୁ, ସମ୍ପାଦକ ଯଶୋବନ୍ତ ଦାସ, କୋଷାଧ୍ୟକ୍ଷ ସତ୍ୟ ଶୋଭନ ନନ୍ଦ, ଯୁଗ୍ମ ସମ୍ପାଦକ ସଞ୍ଜିବ କୁମାର ସାହୁ, କମିଟି ସଦସ୍ୟ ଶୁଭାଶିଷ ସାହୁ ଓ ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖୋଜ ଶିଶୁ ଉଦ୍ଧାର

**କଟକ, ୨।୩ (ସମିସ):** ନୂଆପଡ଼ା ବାଲିସାହି ଅଞ୍ଚଳରୁ ନିଖୋଜ ଥିବା ଜଣେ ଶିଶୁକୁ ମଧୁପାଟଣା ଥାନା ପୁଲିସ ଆଜି ଉଦ୍ଧାର କରିଛି। ପୁଲିସ ସୂଚନା ଅନୁସାରେ, କିଛି ବର୍ଷ ତଳେ ଉକ୍ତ ୧୦ ବର୍ଷୀୟ ଶିଶୁର ମାଆଙ୍କର ଦେହାନ୍ତ ହୋଇଥିଲା। ଏହାର କିଛି ମାସ ପରେ ତାର ବାପା ଦ୍ୱିତୀୟ ବିବାହ କରିଥିଲେ। ସେବେଠାରୁ ସେ ଦ୍ୱିତୀୟ ପତ୍ନୀଙ୍କ ସହ ଅନ୍ୟତ୍ର ରହୁଛନ୍ତି। ଶିଶୁପୁତ୍ର ବାଲିସାହି ସ୍ଥିତ ଅଜା, ଆଇଙ୍କ ଘରେ ରହୁଥିଲା। ତେବେ ଗତ ୬ ଦିନ ତଳେ ଶିଶୁପୁତ୍ର ଘର ପାଖରେ ଖେଳୁଥିଲା ବେଳେ ହଠାତ କେଉଁଆଡେ ଚାଲିଯାଇଥିଲା। ବୃଦ୍ଧ ଅଜା, ଆଇ ଓ ଅନ୍ୟ ସମ୍ପର୍କୀୟମାନେ ବହୁ ଖୋଜାଖୋଜି ସତ୍ତ୍ୱେ ଶିଶୁର ସନ୍ଧାନ ମିଳିପାରିନଥିଲା। ଏନେଇ ମଧୁପାଟଣା ଥାନାରେ ଏକ ମିସିଂ ରିପୋର୍ଟ ହୋଇଥିଲା। ପୁଲିସ ଉକ୍ତ ଶିଶୁର ଫଟୋକୁ ବିଭିନ୍ନ ଥାନାକୁ ପଠାଇ ତଦନ୍ତ ଜାରି ରଖିଥିଲା। ଏହା ଭିତରେ ଶନିବାର ସକାଳେ ଶିଶୁଟି ଓଏମପି ଅଞ୍ଚଳରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ଟିମ ସେଠାରେ ପହଞ୍ଚି ନିଖୋଜ ଶିଶୁପୁତ୍ରକୁ ଉଦ୍ଧାର କରିଥିଲା। ଅନ୍ୟପଟେ, ଲାଳନପାଳନରେ ଅସୁବିଧା ଅନୁଭବ କରି ପୁଲିସ ଉଦ୍ଧାର ଶିଶୁକୁ ଚାଇଲ୍ଡ ଲାଇନ ଜିମା ଦେଇଛି। ପରେ ତାକୁ ବସୁନ୍ଧରାରେ ଥଇଥାନ କରାଯାଇଥିବା ନେଇ ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି।

## ରାଜ୍ୟସଭା ସାଂସଦଙ୍କୁ ସମ୍ବର୍ଦ୍ଧନା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**କଟକ, ୨।୩ (ସମିସ):** ସିଏମସି ୱାର୍ଡ ନମ୍ବର-୩୩ ରେ ନବ ନିର୍ବାଚିତ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର ଡ. ମହମ୍ମଦ୍ ଆୟୁବ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ୱାର୍ଡର ବିଭିନ୍ନ ସାହି ଓ ଅନୁଷ୍ଠାନ ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଟକରେ ବକ୍ସ ଡ୍ରେନରୁ ଆରମ୍ଭ କରି ଷ୍ଟାଡିୟମର ନବୀକରଣ ଓ ବସ୍ତି ଅଞ୍ଚଳବାସୀଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ବଣ୍ଟନ ଓଡ଼ିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ କାର୍ଯ୍ୟ ହୋଇ ରହିବ ବୋଲି ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀ ସାମନ୍ତରାୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ନିରାମୟ ଉପଦେଷ୍ଟା ଡକ୍ଟର ରଞ୍ଜନ ବିଶ୍ୱାଳ, ସମାଜସେବୀ ଶିବେନ୍ଦ୍ର ହାତୀ, ପୂର୍ବତନ କର୍ପୋରେଟର ମନୋଜ ସେଠୀ ଓ ୱାର୍ଡ ବିଜେଡି ସଭାପତି ଅମରେନ୍ଦ୍ର ସାହୁ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ। ପରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସ୍ଥାନୀୟ କର୍ପୋରେଟର କେ ଜେଡ୍ ଆଫ୍ରିନ୍ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାହି ମୁରବୀ, ବିଜେଡି କର୍ମକର୍ତ୍ତା ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

## ୧ନଂ ୱାର୍ଡରେ ବିଧାୟକଙ୍କ ଜନସମ୍ପର୍କ ଯାତ୍ରା

**କଟକ, ୨।୩(ସମିସ):** ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କଟକ ମହାନଗର ନିଗମ ୧ ନମ୍ବର ୱାର୍ଡରେ ଜନସମ୍ପର୍କ ଯାତ୍ରା କରି ସ୍ଥାନୀୟ ଅଞ୍ଚଳର ମୁରବୀ ଓ ବରିଷ୍ଠ ନାଗରିକଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ୱାର୍ଡ ଅଞ୍ଚଳରେ ବିଧାୟକ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, କର୍ପୋରେଟର ଭାନୁ ସେନାପତି, କିଶୋର କର, ସତ୍ୟବ୍ରତ ବେହେରା, ମଧୁସୂଦନ ମଲ୍ଲିକ, କେଦାରନାଥ ବେହେରା, ଶିଶିର ନାୟକ, ଟୁକୁନା ସେନାପତି, ମନୋଜ ବେହେରା, ଶରତ ଚନ୍ଦ୍ର ନାୟକ, ପ୍ରଶାନ୍ତ ସାସମଲ, ପ୍ରତାପ ବେହେରା, ପ୍ରଭାକର ସାସମଲ, ତ୍ରିଲୋଚନ ସାହୁ, ସତ୍ୟଶ୍ରୀ ବେହେରା ପ୍ରମୁଖ ୱାର୍ଡବାସୀ ଉପସ୍ଥିତ ଥିଲେ।

## ପିଏଚ୍.ଡି ଲାଭ



ଡ଼ଃ ନିର୍ମଳା ପଟେଲ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନରୁ କୃଷି ବିଜ୍ଞାନ(ଏଗ୍ରୋନୋମି) ରେ Ph.D ଲାଭ କରିଛନ୍ତି। ସେ Dr.Kalipada Pramanik (Associate Professor of Agronomy) ଏବଂ Dr. Debarati Bhaduri (Senior Scientist ,Soil Science, NRRI, Cuttack)ଙ୍କ ତତ୍ତ୍ୱାବଧାନରେ Ph.D କରୁଥିଲେ। ତାଙ୍କ ସନ୍ଦର୍ଭ "Nitrogen & Micronutrient management in rice under aerobic condition & its residual effect on transplanted mustard crop", Dr. Bikas Chandra Patra (Professor in Agronomy, BCKV West Bengal, India)ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି।ଲେମ୍ବ୍ରିପଡା ସୁନ୍ଦରଗଡ଼ ନିବାସୀ ଶ୍ରୀଯୁକ୍ତ ନେତ୍ରମଣି ପଟେଲ ଓ ଶ୍ରୀମତୀ ବିଦ୍ୟୁତ୍ ଲତା ପଟେଲଙ୍କ ସୁଯୋଗ୍ୟା କନ୍ୟା ଡ଼ଃ ନିର୍ମଳା ପଟେଲ, ବର୍ତ୍ତମାନ GIETU, Gunupu ରେ Assistant Professor ( Agronomy) ଭାବରେ କାର୍ଯ୍ୟରତ ଅଛନ୍ତି।

### ଇପିଏଫ୍ ପେନ୍‌ସନ୍‌ର୍ସ ସଂଘର ରାଜ୍ୟ କମିଟି ବୈଠକ

# କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା

**କଟକ, ୨।୩ (ସମିସ):**



ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ରାଜ୍ୟ କମିଟି ବୈଠକ କଟକସ୍ଥିତ ଖାନନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇଂ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବଭାରତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ରଞ୍ଜନ ଖୁଣ୍ଟିଆ, ଗୌରାଙ୍ଗ ପାଣିଗ୍ରାହୀ, ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ବିଭିନ୍ନ ଜିଲ୍ଲାରୁ ୩୭ଜଣ ପ୍ରତିନିଧି ଯୋଗଦେଇଥିଲେ। କେନ୍ଦ୍ର ସରକାର ସର୍ବନିମ୍ନ ପେନସନ ୯୦୦୦ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ଘୋଷଣା ନ କରିବା ଦ୍ୱାରା ଓଡ଼ିଶା ସହ ସାରାଦେଶର ୭୬ ଲକ୍ଷ ଇପିଏଫ ପେନସନଧାରୀ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିଥିବା ବିଷୟ ପ୍ରମୁଖ କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ଇପିଏଫ ସଂଗଠନ ବର୍ଦ୍ଧିତ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ ପାଇଁ ଇପିଏଫ ପେନସନ ଭୋଗୀମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଥିବା ମତ ପ୍ରକାଶ ପାଇଥିଲା। ଫଳସ୍ୱରୂପ ଆଗାମୀ ନିର୍ବାଚନରେ ଓଡ଼ିଶା ସମେତ ସାରାଦେଶରେ ଥିବା ୭୬ଲକ୍ଷରୁ ଉର୍ଦ୍ଧ୍ୱ ଇପିଏଫ ପେନସନ ଭୋଗି ପରିବାର ଆଗାମୀ ନିର୍ବାଚନରେ କେନ୍ଦ୍ରର ବିଜେପି ସରକାର ବିରୋଧରେ ଭୋଟ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଦଳ କେନ୍ଦ୍ରରେ ୧୦ବର୍ଷ ସରକାରରେ ଥିଲେ ମଧ୍ୟ ଟଙ୍କାଟିଏ ପେନସନ ବୃଦ୍ଧି କଲେ ନାହିଁ। ଯାହାଫଳରେ ଦେଶରେ ଥିବା ଇପିଏଫ ପେନସନ ଭୋଗି ପରିବାର ଖାଦ୍ୟ ଓ ଔଷଧ ବିନା ହା ହତାଶରେ ଦିନ କାଟୁଛନ୍ତି। ଆଜିର ଏହି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ କେନ୍ଦ୍ରର ଏତାଦୃଶ ମନୋଭାବକୁ ଘୋର ନିନ୍ଦା କରିଥିଲେ। ଆଗାମୀ ଦିନରେ କେନ୍ଦ୍ରୀୟ ଇପିଏଫ ସଂଗଠନରେ ବିଜେପି ଓ ତାର ସହଯୋଗୀ ଦଳକୁ ଭୋଟ ନ ଦେବାକୁ ଓଡ଼ିଶା ତରଫରୁ ପ୍ରସ୍ତାବ ରଖିବାକୁ ନିଷ୍ପତ୍ତି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୫ତାରିଖରେ ମହାରାଷ୍ଟ୍ରର ସେବାଗ୍ରାମ ଠାରେ କେନ୍ଦ୍ରୀୟ ଇପିଏଫ ସଂଗଠନର ହେବାକୁ ଥିବା ବୈଠକରେ ଓଡ଼ିଶା ତରଫରୁ ଏହି ପ୍ରସ୍ତାବକୁ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଗଲା। ଶେଷରେ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ନୂତନ ୱାର୍ଡ ଅଫିସ ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉଦ୍‌ଘାଟିତ



**କଟକ, ୨।୩ (ସମିସ):** ଆଜି କଟକ ମେୟର ସୁବାସ ସିଂ ୱାର୍ଡ ନମ୍ବର ୫, ୩ ଓ ୪ ରେ ନୂତନ ୱାର୍ଡ ଅଫିସ ଉଦଘାଟନ କରିଛନ୍ତି। ୱାର୍ଡବାସୀଙ୍କ ସୁବିଧା ନିମନ୍ତେ କଟକ ମହାନଗର ନିଗମ ତରଫରୁ ପ୍ରତ୍ୟକ ୱାର୍ଡରେ ୱାର୍ଡ ଅଫିସ ଖୋଲାଯାଉଛି। ୱାର୍ଡବାସୀ ନିଜ ୱାର୍ଡରେ ଥିବା ସମସ୍ୟାକୁ ନିଜ ଘର ପାଖରେ ଥିବା ୱାର୍ଡ ଅଫିସରେ ଜଣାଇପାରିବେ। ୱାର୍ଡ ନମ୍ବର ୫ରେ ଥିବା ଏକ ୟୁପି ସ୍କୁଲର ନବୀକରଣ କାର୍ଯ୍ୟର ମଧ୍ୟ ମେୟର ଶ୍ରୀ ସିଂ ଉଦ୍‌ଘାଟନ କରିଥିଲେ। ଆଜିର ଉଦଘାଟନୀରେ ମେୟର ଶ୍ରୀ ସିଂଙ୍କ ସହିତ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ପୂର୍ଣ୍ଣିମା ସ୍ୱାଇଁ, କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, ପ୍ରଦୀପ ରାଉତ, ପ୍ରିୟମ୍ବଦା ମହାନ୍ତି, ବିକାଶ ରଞ୍ଜନ ବେହେରା, ରିତାଞ୍ଜଳି ବେହେରା, ଅରୁନ୍ଧତୀ କର ପ୍ରମୁଖ ଉପସ୍ଥିତ ଥିଲେ।



## ଦେବାଶିଷ କଂଗ୍ରେସ ପଛୁଆବର୍ଗ ସେଲର ଉପାଧ୍ୟକ୍ଷ

ମାହାଙ୍ଗା, ୨।୩(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆବର୍ଗ ସେଲର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ପଛୁଆବର୍ଗ ସେଲର ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆଙ୍କ ପ୍ରସ୍ତାବକ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ ଅନୁଯାୟୀ ଏଆଇସିସି ପଛୁଆବର୍ଗ କମିଟିର ଅଧ୍ୟକ୍ଷ କ୍ୟାପଟେନ୍ ଅଜୟ ସିଂ ଏହି କର୍ମକର୍ତ୍ତାଙ୍କ ନାମକୁ ଅନୁମୋଦନ ଦେଇଛନ୍ତି। ପଛୁଆବର୍ଗ ସେଲ୍‌ଫ କମିଟିର ଉପାଧ୍ୟକ୍ଷ ଭାବେ ଡ.ଦେବାଶିଷ ଭୂୟାଁଙ୍କୁ ସ୍ଥାନିତ କରାଯାଇଥିବାରୁ ଏ ନେଇ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କଂଗ୍ରେସପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ପୂର୍ବରୁ ଡ. ଭୂୟାଁ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ରାଜ୍ୟ ଓ ରାଜ୍ୟ ବାହାରେ କାର୍ଯ୍ୟ କରିଥିଲା ବେଳେ ଅଖିଳ ଭାରତୀୟ କଂଗ୍ରେସ କମିଟି ଦିଲ୍ଲୀର ସଦସ୍ୟ ଭାବେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ବର୍ତ୍ତମାନ ସେ ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ଅଛନ୍ତି।

## ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ



ମାହାଙ୍ଗା, ୨।୩(ସମିସ): ମାହାଙ୍ଗା ବ୍ଲକର ନାହାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଡିହୀଗୋପ ଗ୍ରାମର ଗ୍ରାମଦେବତୀ ମା'ବରୁଣେଇଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଓ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶ୍ରୀନିବାସ ଭୂୟାଁ, କର୍ତ୍ତୀ ଭାବେ ଅନୀତା ଭୂୟାଁ ଅଂଶଗ୍ରହଣ କରିଥିଲା ବେଳେ ପଣ୍ଡିତ ଭଜକୃଷ୍ଣ ମିଶ୍ର ନୀତି ଓ ନିୟମ ଅନୁସାରେ ସୂର୍ଯ୍ୟପୂଜା, ଗୋପୂଜା, ହୋମଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଉତ୍ସବ ପରିଚାଳନାରେ ପ୍ରତାପ ଚନ୍ଦ୍ର ଭୂୟାଁ, କୁନଚନ୍ଦ୍ର ଦାସ, ମନ୍ଦରଧର ଭୂୟାଁ, ପ୍ରଫୁଲ୍ଲ ଦାସ, ଭାଗିରଥୀ ଭୂୟାଁ, ସୁରେନ୍ଦ୍ର ମୁଦୁଲି, କ୍ଷୀରୋଦ ଚନ୍ଦ୍ର ଭୂୟାଁ, ଧୀରେନ୍ଦ୍ରନାଥ ଭୂୟାଁ, ମହେନ୍ଦ୍ର ପରିଡ଼ା, କପିଳ ଭୂୟାଁ, ସୁଶାନ୍ତ ସ୍ୱାଇଁ, ଗୋପୀନାଥ ଧଳ, ଗୁରୁଚରଣ ଜେନା ସହଯୋଗ କରିଥିଲା ବେଳେ ମନ୍ଦିର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ବହନ କରିଥିବା ବିଶ୍ୱକର୍ମା କ୍ଷୀରୋଦ ଚନ୍ଦ୍ର ଭୂୟାଁ ଉପସ୍ଥିତ ରହିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଓ ଜନସାଧାରଣ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ପୁଲିସ ସଂଘର ବୈଠକ



ଚୌଦ୍ୱାର, ୨।୩(ସମିସ): ଚୌଦ୍ୱାର କାର୍ଯ୍ୟରତ ଓ ଅବସରପ୍ରାପ୍ତ ପୁଲିସ ସଂଘର ବୈଠକ ଆଗ୍ରାହାଟସ୍ଥିତ ଲିଜର ଗାର୍ଡେନ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶୈଳେନ୍ଦ୍ର କୁମାର ମୁଖୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ସଂଘ ତରଫରୁ ଅସହାୟଙ୍କୁ ସହାୟତା ପ୍ରଦାନ, ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ, ବରିଷ୍ଠଙ୍କୁ ସହାୟତା ପ୍ରଦାନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯିବା ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସମ୍ପାଦକ ବାସୁଦେବ ସାମଲ ସଂଗଠନର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ସହଦେବ ବରାଳ, ଆଦିକନ୍ଦ ମହାନ୍ତି, ମନୋରଞ୍ଜନ ଦାଶ, ମହେଶ୍ୱର ପଣ୍ଡା, ରବୀନ୍ଦ୍ରନାଥ ନାୟକ, ରବୀନ୍ଦ୍ର ବାରିକ, ଶରତ ପାତ୍ର, ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ସାଲେପୁର, ୨।୩(ସମିସ): ସାଲେପୁର ବ୍ଲକ ମଧ୍ୟକଚ୍ଛ ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ପୀଠରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ଆଜି ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ୯ ଦିନ ବ୍ୟାପୀ ଏହି ଯଜ୍ଞାନୁଷ୍ଠାନରେ ପ୍ରତ୍ୟେହ ଦିନ ସୂର୍ଯ୍ୟପୂଜା, ଗୋପୂଜା, କଳସପୂଜା ଓ ନିତ୍ୟ ଘୃତାହୁତି ସହ ସନ୍ଧ୍ୟା ଆଳତୀ ପରେ ବିଶ୍ରାମ ହୋଇଥାଏ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ମାଧ୍ୟମରେ ସ୍ଥାନୀୟ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥାଏ। ଶେଷ ଦୁଇ ରାତି ଶ୍ରୀ ଲକ୍ଷ୍ମୀନୃସିଂହ ଆଞ୍ଚଳିକ ନାଟ୍ୟ ପରିଷଦ ଆନୁକୂଲ୍ୟରେ ନାଟକ ମଞ୍ଚସ୍ଥ କରାଯାଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ପୂର୍ବରୁ ମାନସିକ ବ୍ରତଧାରୀ ମହିଳାଙ୍କ ସହ ଯଜ୍ଞକର୍ତ୍ତାଙ୍କ ସ୍ନାନ ପରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଯଜ୍ଞ ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ସମ୍ପନ୍ନ କରିବା ନିମନ୍ତେ ପୁଲିସ ପ୍ରଶାସନ, ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକ ସହଯୋଗ କରିଥିଲେ। ଟାଙ୍ଗି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରକାଶ ବେହେରା ଯୋଗଦେଇଥିଲେ। ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମହାପ୍ରଭୁ ଟ୍ରଷ୍ଟ ବୋର୍ଡ ଓ ଶ୍ରୀଶ୍ରୀ ଲକ୍ଷ୍ମୀନୃସିଂହ ବିଶ୍ୱଶାନ୍ତି ମହାଯଜ୍ଞ କମିଟିର ମିଳିତ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି।

### ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଶିଳାନ୍ୟାସ

# ଉପକୃତ ହେବେ ୪ଟି ଗ୍ରାମର ଜନସାଧାରଣ

କଟକ, ୨।୩(ସମିସ)

କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ା ପଞ୍ଚାୟତର ବସନ୍ତକୁଣ୍ଡଳ ଠାରେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'ର ଏକ ରାସ୍ତାକୁ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଶିଳାନ୍ୟାସ କରିଛନ୍ତି। ଫଳରେ ୪ଟି ଗ୍ରାମ ଯଥା ବାସନ୍ତକୁଣ୍ଡଳ, ଟାଇଁକଣା, ଭାରଗୋଳ ଓ କଳପଡ଼ା ଗ୍ରାମର ୨୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ପ୍ରାୟ ୪କୋଟି ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥରେ ନିର୍ମିତ ହେବାକୁ ଥିବା ଦୀର୍ଘ ୫ କିମିରୁ ଊର୍ଦ୍ଧ ଏହି ରାସ୍ତାର ୨.୫ କିମିରୁ



ଊର୍ଦ୍ଧ୍ୱ ରାସ୍ତା ପିଚୁରେ ଓ ୨.୫ କିମି ରାସ୍ତା ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯିବା ସହ ଏହି ରାସ୍ତାରେ ୧୦ଟି ପୋଲ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଛି। ଏହା ଆସନ୍ତା ୬ମାସ ମଧ୍ୟରେ ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ମାନସ ରଞ୍ଜନ ଚୌଧୁରୀ କହିଛନ୍ତି।

ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କଳପଡ଼ା ସମିତିସଭ୍ୟା ପିଙ୍କି ଭୋଇ, ସହକାରୀ ନିର୍ବାହୀଯନ୍ତ୍ରୀ ସୋନାଲି ନନ୍ଦ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ମିଶନ ଶକ୍ତି ସଂଯୋଜକ ଶରତ ରାୟ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବୀରବର ଲେଙ୍କା, ଯୁବନେତା ସୁଧୀର ଶତପଥୀ, ବନମାଳି ବିହାରୀ, ମନୋଜ ନାୟକ ପ୍ରମୁଖଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଓଲଟିଲା ଭ୍ୟାନ; ଜଣେ ଗୁରୁତର

ଟାଙ୍ଗୀ, ୨।୩(ସମିସ): ଶନିବାର ମଧ୍ୟାହ୍ନରେ ୧୬ନଂ ଜାତୀୟ ରାଜପଥ ଟାଙ୍ଗୀ ଥାନା ତରତଗଡ଼ା ନିକଟରେ ଏକ ଭ୍ୟାନ୍ ଭାରସାମ୍ୟ ହରାଇ ଛିଡ଼ା ହୋଇଥିବା ଏକ ବାଇକକୁ ଧକ୍କା ଦେଇ ଓଲଟି ପଡ଼ିବାରୁ ଜଣେ ଆହତ ହୋଇଛନ୍ତି। ଭ୍ୟାନରେ ୩ଜଣ ଯାତ୍ରା କରୁଥିବାବେଳେ ଚାଳକ ଜଣକ ଆହତ ହୋଇଛନ୍ତି। ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ଟାଙ୍ଗୀ ପୁଲିସ ଦୁର୍ଘଟଣାଗ୍ରସ୍ତ ଭ୍ୟାନ ଜବତ କରି ତଦନ୍ତ ଆରମ୍ଭ କରିଛି।

## ମାହାଙ୍ଗା ସାହିତ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକ



ମାହାଙ୍ଗା, ୨।୩(ସମିସ)

ମାହାଙ୍ଗା ବ୍ଲକର ବରାହୀପୁର ପଞ୍ଚାୟତ ଅନ୍ତର୍ଗତ ବିଦେହୀ ମହାପୁରୁଷ ପୀଠରେ ଡ. ଏକାଦଶୀ ପ୍ରଧାନଙ୍କ ଆବାହକତ୍ୱରେ ଏବଂ ଡ. ଭୁବନାନନ୍ଦ ସାହୁଙ୍କ ସଭାପତିତ୍ୱରେ ମାହାଙ୍ଗା ସାହିତ୍ୟ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୧୦ ତାରିଖ ଦିନ ମାହାଙ୍ଗା ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଏହା ପୂର୍ବାହ୍ନ ୯ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହେବ। ଏହି ମହୋତ୍ସବରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର କବି ସାହିତ୍ୟିକ ଓ ଲେଖକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କବିତାପାଠ ଉତ୍ସବ, ସାଧାରଣ ସଭା ଓ ସାହିତ୍ୟ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକସ୍ତରୀୟ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଭାଷାଭିତ୍ତିକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ଏହି ଉତ୍ସବରେ ସମ୍ମାନୀତ କରାଯିବ ବୋଲି ପ୍ରସ୍ତାବ ମାନ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନ, ଜନାର୍ଦ୍ଦନ ରାଉତ, ରସରାଜ ବୀରକିଶୋର ସ୍ୱାଇଁ, ଫକୀରଚରଣ ନାୟକ, ପ୍ରମୋଦ ଦାଶ, ଡ. ନିଖିଳେଶ ମହାନ୍ତି, ଡ. ଜୟରାମ ସ୍ୱାଇଁ, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ପନଙ୍ଗଭୂଷଣ ଦାସ, ଭୂପେନ ଚାଟାର୍ଜୀ, ନରେନ୍ଦ୍ର ପରିଡ଼ା, ନିରଞ୍ଜନ ମହାନ୍ତିଙ୍କ ସମେତ ବହୁ ସାହିତ୍ୟିକ ଯୋଗଦେଇ ଉତ୍ସବର ସଫଳତା କାମନା କରିଥିଲେ।

## ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାଙ୍କୀ, ୨।୩(ସମିସ)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ମେଲାଣି ଦେବା ଅବସରରେ ଏକ ସମ୍ବର୍ଦ୍ଧନା ସଭା କଲେଜ ଦୃଶ୍ୟ ଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇଥିଲ। ବିଭାଗୀୟ ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଡକ୍ଟର ସସ୍ମିତା ମଲ୍ଲିକ, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ଅନୀଲ ପ୍ରଧାନ ଓ ଅଧ୍ୟାପକ ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗଦାନ କରି ବିଦାୟୀ ଛାତ୍ରମାନେ ଭଲ ପାଠ ପଢ଼ି କଲେଜର ସୁନାମ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମସ୍ତ ବିଦାୟ ନେଉଥିବା ଛାତ୍ରଛାତ୍ରୀଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଡମ୍ବା ବ୍ଲକ ଫଳ ପ୍ରକାଶିତ

ବଡମ୍ବା, ୨।୩(ସମିସ): କଟକ ଜିଲ୍ଲା ବଡମ୍ବା ବ୍ଲକର ଆଦର୍ଶ ବିଦ୍ୟାଳୟର ଫଳ ଆଜି ପ୍ରକାଶିତ ହୋଇଛି ବିଭିନ୍ନ ବିଦ୍ୟାଳୟର ପିଲାମାନେ ଦେଇଥିବା ପରୀକ୍ଷାର ଫଳାଫଳ ଆଜି ବିଧିବଦ୍ଧ ଭାବେ ପ୍ରକାଶ ପାଇଛି। ସାଧାରଣ ବର୍ଗରେ ପ୍ରଥମ ସ୍ଥାନରେ ରହିଥିବା ସ୍ୱାତୀ ସୋନି ପ୍ରିୟଦର୍ଶିନୀ ୬୦ରୁ ୫୭ନମ୍ବର ରଖିଥିବା ବେଳେ ୪୫ ନମ୍ବର ସର୍ବନିମ୍ନ ଭାବେ କଟଅଫ ମାର୍କ ରଖାଯାଇଛି। ସେଭଳି ଅନୁସୂଚିତ ବର୍ଗରେ ସର୍ବାଧିକ ୪୭ ନମ୍ବର ଯାଇଥିଲାବେଳେ ୩୮ ନମ୍ବର ସର୍ବନିମ୍ନ ଭାବେ ରଖାଯାଇଛି ମୋଟ ୮୦ଜଣଙ୍କୁ ନାମଲେଖା ପାଇଁ ଆହ୍ୱାନ କରାଯାଇଛି। ଉକ୍ତ ଫଳାଫଳରେ ସରସ୍ୱତୀ ଶିଶୁମନ୍ଦିରର ୩ ଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ଶ୍ରେୟସ ସ୍ଥିତପ୍ରଜ୍ଞ ସର୍ବାଧିକ ୫୨ ନମ୍ବର ରଖିଥିବା ବେଳେ, ଏସଆର ସ୍ୱୟଂ ସ୍ୱରାଜ ରାଉତ ୫୨ ଏବଂ ଡିଏସ ରୁଦ୍ରାକ୍ଷ ୪୯ ନମ୍ବର ରଖି ବିଦ୍ୟାଳୟର ସୁନାମ ଆଣିଛନ୍ତି। ପୁନଶ୍ଚ ଚମ୍ପେଇଦ୍ୱାର ଗଡ଼ାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ସ୍ନେହାଶ୍ରୀ ସିଂହ ମଧ୍ୟ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ସୁନାମ ଆଣିଛନ୍ତି।

## ନାରାୟଣ ଯଜ୍ଞ ପୂର୍ଣ୍ଣାହୂତି



ନିଶ୍ଚିନ୍ତକୋଇଲି, ୨।୩(ସମିସ): ବରାଦୋ ପଞ୍ଚାୟତ ପାଟପୁର ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ୭୭ତମ ବାର୍ଷିକ ଅଗ୍ନିଷ୍ଟୋମ ନାରାୟଣ ଯଜ୍ଞ ୭ଦିନ ବ୍ୟାପୀ ଅନୁଷ୍ଠିତ ହୋଇଛି। ସୁବେଦୀ ପଣ୍ଡିତଙ୍କ ଦ୍ୱାରା ଯଜ୍ଞରେ କଳସ ସ୍ଥାପନ, ଅଗ୍ନିରୋପଣ, ମଙ୍ଗଳ ଆଳତୀ, ବେଦପାଠ, ବାଲ୍ୟଧୂପ, ସୂର୍ଯ୍ୟପୂଜା, ଗୋପୂଜା, ଆହୁତି, ପଣ୍ଡିତ ସଭା, ଆଳତୀ, ମହାଦୀପ ଓ ଯଜ୍ଞ ଆଦି ଆଧ୍ୟାତ୍ମିକ କାର୍ଯ୍ୟ କରାଯାଇଥିଲା। ଯଜ୍ଞରେ କର୍ତ୍ତାଭାବେ ଚୌଧୁରୀ ଦେବାଶିଷ ନନ୍ଦ ଏବଂ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ତୁଲାଇଥିଲେ। ଯଜ୍ଞ କମିଟିର ସଭାପତି ଚୌଧୁରୀ ଉମାକାନ୍ତ ନନ୍ଦ, ବିଭୂତି ସାମଲ, କେଶବ ମହାପାତ୍ର, ରସାନନ୍ଦ ସାମଲ, ସତ୍ୟାନନ୍ଦ ସାହୁ, ଶିବପ୍ରସାଦ ଶତପଥୀ, ଚୌଧୁରୀ ଶାରଦାପ୍ରସାଦ ନନ୍ଦ, ଇଂ ରଞ୍ଜନ କୁମାର ନନ୍ଦଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଦୁଇ ରାତି ନାଟକ ପରିବେଷଣ ହୋଇଥିଲା। ପୂର୍ଣ୍ଣାହୂତିରେ ବହୁ ସଂଖ୍ୟାରେ ଭକ୍ତ ଯୋଗଦାନ କରି ଚରୁଅନ୍ନ ପ୍ରସାଦ ସେବନ କରିଥିଲେ। ଶିଳ୍ପପତି ଉତ୍ସବ ଚନ୍ଦ୍ର ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଥୀ ବାଣୀରଞ୍ଜନ ସାମଲ, ସୁକାନ୍ତ ଶତପଥୀ, ସାଧୁଚରଣ ଭାରତୀ ପ୍ରମୁଖ ଭୋଜି ମହୋତ୍ସବରେ ସହଯୋଗ କରିଥିଲେ।

## ବରିଷ୍ଠ କିରାଣୀଙ୍କୁ ଅବସର ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, ୨।୩(ସମିସ): ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ୍ ମହାବିଦ୍ୟାଳୟର ବରିଷ୍ଠ କିରାଣୀ ରାଜେନ୍ଦ୍ର ପ୍ରସାଦ ଦାସଙ୍କୁ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପଦାରବିନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଦିଲୀପ ମିଶ୍ର, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ପ୍ରଧ୍ୟାପକ ବିରଞ୍ଚିନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ସେବାନିବୃତ୍ତ ବରିଷ୍ଠ କିରାଣୀଙ୍କ ନିସ୍ୱାର୍ଥ ସେବା, କର୍ମଜୀବନ ଓ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ଡ. ସୁପ୍ରଭା ପରିଡ଼ା, ଅଧ୍ୟାପକ ବଳରାମ ସ୍ୱାଇଁ, ଅଧ୍ୟାପକ ରଞ୍ଜନ ସେଠୀ, ଅଧ୍ୟାପକ ରଜନୀକାନ୍ତ ପଣ୍ଡା, ଅଧ୍ୟାପକ ବିଜୟ ପରିଡ଼ା, ଅଧ୍ୟାପିକା ଡ. କବିତା ଷଡଙ୍ଗୀ, ଅଧ୍ୟାପକ ଲୁଲୁପ ମହାରଣା, ଅଧ୍ୟାପିକା ଅନୁସୂୟା ରାଉତରାୟ, ଅଧ୍ୟାପକ ପ୍ରତାପ ସାହୁ, ଅଧ୍ୟାପକ ରମାକାନ୍ତ ସାମଲ, ଅଧ୍ୟାପକ ଡ. ନରୋତ୍ତମ ବଳ, ପ୍ରତାପ କିଶୋର ମହାନ୍ତି, ଅଭିରାମ ନାୟକ ପ୍ରମୁଖ ଯୋଗଦେଇ ଶ୍ରୀ ଦାସଙ୍କ ନିରାମୟ ଜୀବନ କାମନା କରିଥିଲେ। ଅଧ୍ୟାପକ ମନମୋହନ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।



## ପମ୍ପ ହାଉସ ଅପରଟେରଙ୍କ ବିୟୋଗ

କଣ୍ଟାପଡ଼ା, ୨।୩(ସମିସ): କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ପାନୀୟ ଜଳ ଓ ପରିମଳ ବିଭାଗ ପାଇଁ ଦୀର୍ଘ ବର୍ଷ ଧରି ଅସ୍ଥାୟୀ ଭାବରେ ପମ୍ପ ହାଉସ୍ ଅପରେଟର ଓ କଳ ମରାମତି କାର୍ଯ୍ୟରେ ନିୟୋଜିତ ଥିବା ସୁନ୍ଦର ଗ୍ରାମର ସଂଗ୍ରାମ ମହାନ୍ତି(୫୮)ଙ୍କର ମସ୍ତିଷ୍କାଘାତରେ ଅକାଳ ବିୟୋଗ ଘଟିଛି। ଏଠାରେ ପ୍ରକାଶଥାଉ କି, ଗତ ୧୦ବର୍ଷ ତଳେ ତାଙ୍କ ପତ୍ନୀଙ୍କର ଅକାଳ ବିୟୋଗ ଘଟିଥିଲା। ଏବେ ସଂଗ୍ରାମଙ୍କ ମୃତ୍ୟୁପରେ ତାଙ୍କର ଦୁଇଝିଅ ଅସହାୟ ହୋଇପଡ଼ିଛନ୍ତି। ସେମାନଙ୍କୁ ଥାଇଥାନ ଓ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ କଣ୍ଟାପଡ଼ା ବିଭାଗୀୟ ଯନ୍ତ୍ରୀ ଅଜୟ କୁମାର ମିଶ୍ରଙ୍କୁ ପଚାରିବାରେ ତାଙ୍କୁ ସରକାରୀ ସହାୟତା ମିଳିବାର କୌଣସି ପ୍ରୋଭିଜନ ନ ଥିବା କହିଥିବା ବେଳେ କର୍ମଚାରୀମାନେ ବ୍ୟକ୍ତିଗତ ସହାୟତାର ହାତ ବଢ଼ାଇବେ ବୋଲି କହିଛନ୍ତି।

# ରାସ୍ତା କାମ ଅଧାପନ୍ତରିଆ; ଲୋକେ ହନ୍ତସନ୍ତ

କଟକ, ୨।୩(ସମିସ)

କଟକ ସଦର ବ୍ଲକ କନ୍ଦରପୁର ଜିଲ୍ଲା ପରିଷଦ ଜୋନ ଅଞ୍ଚଳର ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି। ଏହି ଅଞ୍ଚଳର ଅନେକ ଗ୍ରାମରେ ୧୨ଫୁଟ ଚଉଡ଼ା ବିଶିଷ୍ଟ ରାସ୍ତା ନିର୍ମାଣ ସରିଥିବାବେଳେ କନ୍ଦରପୁର ପଞ୍ଚାୟତର ସିଦ୍ଧେଶ୍ୱରପୁର-କମାପୁର ଭୋଇସାହି ରାସ୍ତା ଅଧାପନ୍ତରିଆ ହୋଇ ଦୀର୍ଘ ୨୦ଦିନରୁ ଊର୍ଦ୍ଧ୍ୱ ହେବ ପଡ଼ିରହିଛି। କନ୍ଦରପୁର ରେଳ ଷ୍ଟେସନରୁ ଏହି ରାସ୍ତା ଆରମ୍ଭ ହୋଇ କଟକ-ପାରାଦୀପ ରାଜରାସ୍ତାକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାରେ ସମ୍ପୃକ୍ତ ଠିକାଦାର ମେଣ୍ଟାଲ ବିଛାଇ କାମ ବନ୍ଦ କରିଦେଇଛନ୍ତି। ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ବହୁ



ହଇରାଣ ହରକତ ହେଉଛନ୍ତି। ବର୍ତ୍ତମାନ ମାଟ୍ରିକ ପରୀକ୍ଷା ଚାଲୁଥିବାରୁ ପରୀକ୍ଷାର୍ଥୀ, ବିଦ୍ୟାଳୟ ଯାଉଥିବା ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଚୌଧୁରୀଙ୍କୁ ପଚାରିବାରୁ ଖୁବଶୀଘ୍ର ଏହି ରାସ୍ତା ନିର୍ମାଣ ସାରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ୍ କରିବେ ବୋଲି କହିଛନ୍ତି।

# ସମାଜସେବିକାଙ୍କ ଏକାଦଶାହାରେ ସ୍ମୃତି ସଭା

ବାଙ୍କୀ, ୨।୩(ସମିସ)

ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ତଥା ସମାଜସେବି ସ୍ୱର୍ଗତା ବିଜୟଲକ୍ଷ୍ମୀ ସାମନ୍ତରାୟ (ପଣ୍ଟେଇ ନାନୀ)ଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ପୂର୍ବତନ ସରପଞ୍ଚ ଶକୁନ୍ତଳା ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, କେନ୍ଦ୍ରୀୟ ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ମିନତୀ ମହାପାତ୍ର, ୩୮ନମ୍ବର ଜିଲ୍ଲାପରିଷଦ ସଦସ୍ୟ ଆଶିଷ ସାହୁ, କାଉନସିଲର ସନାତନ ବେହେରା, ଉପନଗରପାଳ ସନ୍ତୋଷ ରଣା, କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ସୁବାସ



ପାଢ଼ୀ, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ତୁଳସୀପୁର ସମିତିସଭ୍ୟ ନାରାୟଣ ଜେନା, ଶିମିଳିପୁର ସରପଞ୍ଚ ଶିଶିର ବେହେରା, ନରଗାଙ୍ଗ ସମିତିସଭ୍ୟ ପ୍ରଶାନ୍ତ ମତଗଜ ସିଂହ, ସମାଜସେବୀ ବିଜୟ ମହାନ୍ତି, ରଞ୍ଜନ ରଣା, ପୂର୍ବତନ ସରପଞ୍ଚ ଯୋଗେଶ ପଣ୍ଡା, ନବକିଶୋର ରାଉତ, ପବନୀ ଜେନା, ନିଶିକାନ୍ତ ପଣ୍ଡା, କାର୍ତ୍ତିକ ମଲ୍ଲିକଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ତାଙ୍କର ଗୁଣଗାନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# କଟକ ସିଟି

## ରୌପ୍ୟନଗରୀକୁ ମିଳିଲା ଶ୍ରେଷ୍ଠ ପରିଚୟ

# ରୁପା ତାରକସିକୁ ଜିଆଇ ଟ୍ୟାଗ୍

ରୁପାରେ ଝଲସୁଥିବା ରୌପ୍ୟନଗରୀ'ର ପରିଚୟ ବଦଳିଛି । ୯୮୯ ଖ୍ରୀଷ୍ଟାବ୍ଦରେ କେଶରୀବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସହର ଏବେ ବିଶ୍ୱର ବାଣିଜ୍ୟ ମାନଚିତ୍ରରେ ପାଇବ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ସମ୍ମାନ । କଟକ ସହରରେ ଦୀର୍ଘ ୫ଶହ ବର୍ଷ ଧରି ଚାଲିଥିବା କଳା'କୁ ଦିଆଯାଇଛି ସର୍ବଶ୍ରେଷ୍ଠ ମାନ୍ୟତା । ସାଧବମାନଙ୍କ ଅମଳରୁ ଦୀର୍ଘ ଦଶନ୍ଧି ଧରି ଏହି ରୁପା ତାରକସି କାର୍ଯ୍ୟ ଏଠାରେ ଚାଲି ଆସୁଛି । ନଦୀ ଓ ସମୁଦ୍ର ପଥରେ ଦକ୍ଷିଣ ଏସିଆର ଇଣ୍ଡୋନେସିଆ ଏବଂ ଅନ୍ୟାନ୍ୟ ଦେଶ ସମୂହ ସହ ବେପାର ବାଣିଜ୍ୟ କରୁଥିବା ସାଧବମାନେ ଏହି ରୁପା ତାରକସି ଅଳଙ୍କାରକୁ ନେଇ କଟକରୁ ଯାଉଥିଲେ । ଏହା ଭିତରେ ଅନେକ ବର୍ଷ, ମାସ ଓ ଦିନ ବିତିଛି । ଆଜି ବି ରୁପା ତାରକସିକୁ ନେଇ କଟକିଆ ଗର୍ବ କରନ୍ତି । ୨୦୨୧ ମସିହା ଜୁଲାଇ ୧ତାରିଖରେ ଓଡ଼ିଶା ଷ୍ଟେଟ୍ କୋ-ଅପରେଟିଭ୍ ହ୍ୟାଣ୍ଡିକ୍ରାପ୍ଟ କର୍ପୋରେସନ୍ ଲିମିଟେଡ୍(ଉତ୍କଳିକା) ପକ୍ଷରୁ ରୁପା ତାରକସିକୁ ଜିଆଇ ମାନ୍ୟତା ଦେବା ପାଇଁ ଆବେଦନ ହୋଇଥିଲା । ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଓ ପ୍ରଚେଷ୍ଟା ଯୋଗୁଁ ଏହି ମାନ୍ୟତା କଟକ ତାରକସିକୁ ମିଳିଛି । ଏଥିଯୋଗୁଁ ହଜାର ହଜାର ରୁପା ତାରକସି କାରିଗର ଉପକୃତ ହେବା ସହିତ ରୁପା ତାରକସି ବ୍ୟବସାୟ ଆକାଶକୁ ଛୁଇଁବ ବୋଲି କଳ୍ପନା କରାଯାଉଛି...





### ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ କାରିଗରଙ୍କ ମହଲରେ ପ୍ରଶଂସା

### ବିଶ୍ୱନାଥ ପଣ୍ଡିତ ପାଠାଗାର ପରିସରରେ ହେବ ତାରକସି ପ୍ରଦର୍ଶନୀ ଓ ପ୍ରଶିକ୍ଷଣ

କଟକ, ୨।୩(ସମିସ)

ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ହସ୍ତଶିଳ୍ପ କଳାର ଭୌଗୋଳିକ ସୂଚକାଙ୍କ (ଜିଓଗ୍ରାଫିକାଲ୍ ଇଣ୍ଡିକେସନ୍ ବା ଜିଆଇ) ପଞ୍ଜୀକରଣ ନିମନ୍ତେ ସରକାର ପଦକ୍ଷେପ ନେଉଛନ୍ତି । ୨୦୨୧ ମସିହା ଜୁଲାଇ ୧ ତାରିଖରେ କଟକର ରୁପା ତାରକସିକୁ ଜିଆଇ ମାନ୍ୟତା ନିମନ୍ତେ ରାଜ୍ୟ ସରକାରଙ୍କ ଉତ୍କଳିକା ମାଧ୍ୟମରେ ଚେନ୍ନାଇରେ ଥିବା ଭୌଗୋଳିକ ସୂଚକାଙ୍କ ପଞ୍ଜୀକରଣ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା । ଏହାକୁ ବିଚାରକୁ ନେଇ ଗତକାଲି କଟକର ରୁପା ତାରକସିକୁ ଜିଆଇ ମାନ୍ୟତା ପ୍ରଦାନ କରାଯାଇଛି । ରାଜ୍ୟର କଳା, ସଂସ୍କୃତି ଓ ଐତିହ୍ୟ ପରିଚୟରେ କଟକର ରୁପାତାରକସି ଯଦିଓ ସର୍ବାଗ୍ରେ ରହିଥିଲା, ଜିଆଇ ଟ୍ୟାଗ୍ ମିଳି ନଥିବାରୁ ଏହି ପରିଚୟ ଅଧା/ଅଧୁରା ରହିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକର ଶିଳ୍ପୀମାନଙ୍କର ଭବିଷ୍ୟତ ଓ ସହରର କଳା'କୁ ପ୍ରାଧାନ୍ୟ ଦେଇ କେଉଁଭଳି ଭାବେ ବିଶ୍ୱ ଦରବାରରେ କଟକ ସହର ସ୍ୱତନ୍ତ୍ର ପରିଚିତ ଲାଭ କରିବ, ତାହାକୁ ଗୁରୁତ୍ୱ ଦେଇ ଆସୁଛନ୍ତି । ରୁପାନ୍ତରଣ'ରେ କଟକ ସହର ଝଲସୁଥିବା ବେଳେ ରୁପା ତାରକସିକୁ ଜିଆଇ ଟ୍ୟାଗ୍ ମିଳିବା ପରେ କଟକିଆଙ୍କ ଖୁସି ଦ୍ୱିଗୁଣିତ ହୋଇଛି । ଏଣିକି ଦେଶର ଜିଆଇ ଟ୍ୟାଗ୍ ତାଲିକାରେ କଟକ ନାଁ ଦେଖିବାକୁ ମିଳିବ । ଏବେ ତାରକସି ଶିଳ୍ପୀ ତଥା ଶ୍ରମଜୀବୀମାନେ ବିଶ୍ୱ ଦିରବାରରେ ଏକ ସ୍ୱତନ୍ତ୍ର ପରିଚୟ ପାଇବାରେ ସମକକ୍ଷ ହେବେ । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ତାରକସି କାରିଗରଙ୍କ ନିମନ୍ତେ କଟକ ସହରରେ ସ୍ୱତନ୍ତ୍ର ମାର୍କେଟ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି । କାରିଗର କୁଳର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ । ପୂର୍ବରୁ ଖପୁରିଆ ଶିଳ୍ପାଞ୍ଚଳ ଭିତରେ 'କଳିଙ୍ଗ ଫିଲିଗ୍ରୀ' ନାମରେ ଏକ ସଂସ୍ଥା ରହିଥିଲା । ଏବେ ଏହାକୁ ଆହୁରି ବ୍ୟାପକ କରାଯିବ । ମିଳିଥିବା ସୂଚନା ଅନୁସାରେ, ଏହାକୁ ତାରକସି ହବ୍‌ରେ ପରିଣତ କରାଯିବ । କେଉଁ ସ୍ଥାନରେ ହବ୍ ପ୍ରତିଷ୍ଠା କରାଯିବ, ତାହା ଯଦିଓ ନିଷ୍ପତ୍ତି ନିଆଯାଇ ନାହିଁ, ସରକାର ଏଥି ନିମନ୍ତେ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ କରିବେ ବୋଲି ଜଣାପଡ଼ିଛି । ବିଶ୍ୱ ମାନଚିତ୍ରରେ ଉତ୍କୃଷ୍ଟ ତାରକସି କାର୍ଯ୍ୟ ପାଇଁ ଏହି ମାଟିର ସ୍ୱତନ୍ତ୍ର ପରିଚୟ ରହିଛି । ସମ୍ପ୍ରତି ଅଳଙ୍କାର ବଜାରରେ ପାଖାପାଖି ୨୦୦ କାରିଗର ଏବେ ରୁପା ତାରକସି କାରୁକାର୍ଯ୍ୟ କରୁଛନ୍ତି । ଜିଆଇ ଟ୍ୟାଗ୍ ପ୍ରଦାନ ପରେ ୨୦୦ ପରିବାର ହସି ଉଠିବ । ଏମାନଙ୍କ ଆର୍ଥିକ ପ୍ରଗତିରେ ଜିଆଇ ମାନ୍ୟତା ସହାୟକ ହେବ ବୋଲି କୁହାଯାଉଛି ।

ଅନ୍ୟପଟେ କଟକ ସହରର ବିଭିନ୍ନ ସାହିରେ ରୁପା ତାରକସି ଅଳଙ୍କାର ନିର୍ମାଣ ହେଉଛି । ମାନସିଂହପାଟଣା, ଅଲିଶାବଜାର, ନିମଚଉଡି, ମହମ୍ମଦିଆବଜାର, ବାଲୁବଜାର, ସାହବେଜାଦା ବଜାର, ନୟାସଡ଼କ, ଆଲାମଚାନ୍ଦ ବଜାର, ଖଟବିନ୍ ସାହି, ଶେଖବଜାର, ତେଲେଙ୍ଗବଜାର, ଫିରିଙ୍ଗବଜାର ଭଳି ସହରର ଏକାଧିକ ଅଞ୍ଚଳରେ ତାରକସି କାରୁକାର୍ଯ୍ୟ କରାଯାଉଛି । ବିଭିନ୍ନ ସ୍ଥାନରେ ତାରକସି ଅଳଙ୍କାର ଦୋକାନ ରହିଛି, ଯେଉଁଠାରେ ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ତାରକସି ସାମଗ୍ରୀ ଉପଲବ୍ଧ ହେଉଛି । ଏହି ଜିଆଇ ମାନ୍ୟତା ମିଳିବା ପରେ ଏଠାରେ ଚାଲୁଥିବା ରୁପା ତାରକସି ବ୍ୟବସାୟରେ ଅନେକ ପରିବର୍ତ୍ତନ ଘଟିବ ।

### ଦୀର୍ଘ ଦିନର ପ୍ରଚେଷ୍ଟା ବାସ୍ତବରୂପ ନେଇଛି



ରୌପ୍ୟନଗରୀ ଭାବେ ପ୍ରତିଷ୍ଠିତ ଏହି ଐତିହାସିକ ସହର ଏକ ସ୍ୱତନ୍ତ୍ର ସମ୍ମାନ ପାଇଛି । ରାଜ୍ୟ ସରକାରଙ୍କର ଦୀର୍ଘଦିନର ପ୍ରଚେଷ୍ଟା ଏବେ ବାସ୍ତବରୂପ ନେଇଛି । ଜଣେ ତାରକସି କାରିଗର କେତେ କଷ୍ଟରେ ଏହି ନିଖୁଣ ସୂକ୍ଷ୍ମ କାର୍ଯ୍ୟ କରୁଛି, ତାହାକୁ ଅନୁଭବ କରିବା ଏବଂ ସେମାନଙ୍କ ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଆଣିବା ଏବେ ସହଜ ହେବ । ପୂର୍ବରୁ ସରକାରଙ୍କ ପକ୍ଷରୁ ବାଲିଯାତ୍ରାରେ ତାରକସି ପ୍ରଦର୍ଶନୀ କରାଯାଇଛି, ଯାହାକି ପର୍ଯ୍ୟଟକମାନଙ୍କୁ ଯଥେଷ୍ଟ ଆକର୍ଷିତ କରିଛି । ଜିଆଇ ଟ୍ୟାଗ୍ ମିଳିବା ପରେ ଦେଶ ତଥା ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ନିମନ୍ତେ ଏହି ତାରକସି କାରୁକାର୍ଯ୍ୟକୁ ଦେଖିବା ଓ କିଣିବାର ଅଧିକ ସୁଯୋଗ ସୃଷ୍ଟି ହେବ । ରୁପାତାରକସି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପ୍ରସିଦ୍ଧି ଲାଭ କରିବ ।

**ଦେବାଶିଷ ସାମନ୍ତରାୟ,** ରାଜ୍ୟସଭା ସାଂସଦ

### ଜିଆଇ ଟ୍ୟାଗ୍ କଟକିଆଙ୍କ ପାଇଁ ଗର୍ବ ଓ ଗୌରବ



କଟକ ତାରକସି କାମକୁ ଆଜି ଜିଆଇ ଟ୍ୟାଗ ମିଳିଲା । କଟକ ପାଇଁ ଏହା ଏକ ଗର୍ବ ଓ ଗୌରବର ଦିନ । ବିଶ୍ୱ ଦରବାରରେ ତାରକସି କାରୁକାର୍ଯ୍ୟ ଲୋକଲୋଚନକୁ ଆସିବା ପାଇଁ ବାଟ ଫିଟିଲା । ବହୁ ଦିନ ଧରି ଓଡ଼ିଶା ସରକାରଙ୍କ ପକ୍ଷରୁ ଜିଆଇ ଟ୍ୟାଗ୍ ମିଳିବା ନେଇ ନିରନ୍ତର ଉଦ୍ୟମ ଜାରି ରହିଥିଲା । ତାହା ଆଜି ଫଳପ୍ରଦ ହୋଇଛି । ତାରକସି କାର୍ଯ୍ୟରେ ନିୟୋଜିତ ଶ୍ରମଜୀବୀ ଲୋକ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପାଇବେ । ପରପିଢ଼ି ଏହି କାର୍ଯ୍ୟକୁ ଆଗକୁ ବଢ଼ାଇବା ପାଇଁ ପ୍ରୟାସ ମଧ୍ୟ ଜାରି ରଖିବେ । ଓଡ଼ିଶା ସରକାର ତାରକସି କାର୍ଯ୍ୟର ଏକ ବଡ଼ ମାର୍କେଟିଙ୍ଗ୍ ପାଇଁ ପ୍ରୟାସ କରୁଛନ୍ତି । ଏହାର ରୁପାୟନ ଖୁବ୍‌ଶୀଘ୍ର କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ତାରକସି କାରୁକାର୍ଯ୍ୟର ଉନ୍ନତି ନିମନ୍ତେ ଏକାଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିବେ । ବିଶ୍ୱନାଥ ପଣ୍ଡିତ ପାଠାଗାର ପରିସରରେ ତାରକାସୀ ପ୍ରଶିକ୍ଷଣ ଓ ପ୍ରଦର୍ଶନୀ କରାଯିବାକୁ ନିଷ୍ପତ୍ତି ହୋଇଛି ।

**ସୁବାସ ସିଂ,** ମେୟର

### ବହୁତ ଆଗରୁ ମିଳିବାର ଥିଲା



କଟକର ବିଶ୍ୱପ୍ରସିଦ୍ଧ ତାରକସି କାମକୁ ବହୁତ ଆଗରୁ ଜିଆଇ ଟ୍ୟାଗ ମିଳିବାର ଥିଲା । ଯାହା ହେଉ ଯେଉଁ କାରୁକାର୍ଯ୍ୟ ପାଇଁ କଟକ ପରିଚିତ ଥିଲା, ଶେଷରେ ତାହାକୁ ମାନ୍ୟତା ମିଳିଲା । ଏହା କେବଳ କଟକବାସୀ ପାଇଁ ନୁହେଁ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଜିଆଇ ଟ୍ୟାଗ ମିଳିବା ଦ୍ୱାରା ବ୍ୟବସାୟୀ ଓ ଏହି ଶିଳ୍ପରେ ନିୟୋଜିତ ଥିବା କାରିଗରମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧିପାଇବ ।

**ବିମଲ୍ ଭୋରା,** ରୁପା ଅଳଙ୍କାର ବ୍ୟବସାୟୀ

## ଟେବଲ ଟେନିସ ଖେଳାଳିଙ୍କୁ ସମ୍ବର୍ଦ୍ଧନା




**କଟକ, ୨।୩ (ସମିସ):** ମଧ୍ୟପ୍ରଦେଶର ଇନ୍ଦୋରରେ ଚଳିତବର୍ଷ ଅନୁଷ୍ଠିତ ୮୫ତମ ଆନ୍ତଃରାଜ୍ୟ ଉପକନିଷ୍ଠ ଓ କ୍ୟାଡେଟ ଜାତୀୟ ଟେବଲ ଟେନିସ ପ୍ରତିଯୋଗିତାରେ ଓଡ଼ିଶା ଦଳ କାଂସ୍ୟ ପଦକ ବିଜୟୀ ହୋଇଥିଲା । ଓଡ଼ିଶା ଦଳ ପ୍ରଥମଥର ଲାଗି ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ଇତିହାସ ସୃଷ୍ଟି କରିଥିବାରୁ ଖେଳାଳିମାନଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଓଡ଼ିଶା ଟିଟି ସଂଘ ସଭାପତି ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳି ଓ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେଇଥିଲେ । ଖେଳାଳିମାନଙ୍କ ମଧ୍ୟରେ ଜିଜ୍ଞାସୁ ସାହୁ, ଅନିନ୍ଦ୍ୟ ଦାସ, ଜିଜ୍ଞାସୁ ସାଇ କିରଣ ପ୍ରଧାନ, ତକମିଲ ମହମ୍ମଦ୍ ଉପସ୍ଥିତ ଥିଲେ । ପ୍ରଶିକ୍ଷକ ରାଜ ଏସ୍ ସୁବ୍ରମଣ୍ୟମ ଓ ସହକାରୀ ପ୍ରଶିକ୍ଷକ ସମ୍ବିତ ଦାସଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ ଦାବି



କଟକ, ୨।୩(ସମିସ): ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଳିଙ୍ଗ ବୀର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନ ପ୍ରଦାନ କରିବାକୁ କଟକ ମାଲଗୋଦାମ ବଣିକ ସଂଘ ତରଫରୁ ଦାବି କରାଯାଇଛି । ସଂଘ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଏହି ଦାବି କରାଯାଇଛି । ଏଥିସହ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରେରଣ କରାଯାଇଛି । ଆଜିର ଏହି ସଭାରେ ମାଲଗୋଦାମ ପୂଜା କମିଟିର ସଭାପତି ଧର୍ମାନନ୍ଦ ପାତ୍ର, ଚାଉଳ ବ୍ୟବସାୟୀ ସଂଘର ସଭାପତି ମଧୁସୂଦନ ରାଉତ, ଖୁଚୁରା ବ୍ୟବସାୟୀ ସଂଘର ସଭାପତି ବିନୋଦ ଚନ୍ଦ୍ର ସାହୁ, ବଣିକ ସଂଘର କର୍ମକର୍ତ୍ତା ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ଛାଟୋଇ, ଶ୍ରୀକାନ୍ତ ସାହୁ, ପ୍ରଶାନ୍ତ ପାତ୍ର, ପ୍ରଦୀପ୍ତ ରଞ୍ଜନ ଦାସ, ଅନିଲ ଅଗ୍ରୱାଲ, ସେକ୍ ଅବଦୁଲ୍ ରଫ୍ ସଲାଟ୍, ବିନୋଦ ସିଂଘାଲ୍, ସମ୍ପଦ ଗୋଏଙ୍କା, ଶୁଭନାରାୟଣ ରାଉତ, ପବନ ଅଗ୍ରୱାଲ, ରବି କୁମାର ସାକ୍‌ସେରିଆ, ମୁକେଶ ଚୌଧୁରୀ, ଜୟନ୍ତ ଦାସ, ଇବିନ୍ ପଟେଲ୍, ରାହୁଲ ଜୈନ, ସନ୍ଦୀପ ଚୌଧୁରୀ, ପ୍ରଦୀପ୍ତ ମହାନ୍ତି ଓ ଲିପୁ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଇଣ୍ଡିଆନ୍ ବ୍ୟାଙ୍କ ଜିଏମ୍‌ଙ୍କ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିଦର୍ଶନ



**କଟକ, ୨।୩(ସମିସ):** ଇଣ୍ଡିଆନ୍ ବ୍ୟାଙ୍କର ଜିଏମ୍ (ଫାଇନାନ୍ସ) ଶ୍ରୀମତୀ ଏମ୍ ଅରୁଣା ଗୁରୁବାର ପୂର୍ବାହ୍ନରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିଲେ । ସେ ମେଡିକାଲ କଲେଜ, ପଦ୍ମିନୀ କେୟାର ହସ୍‌ପିଟାଲ, ରିହାବ ସେଣ୍ଟର, ରକ୍ତ ଭଣ୍ଡାର, କେନ୍ଦ୍ରୀୟ ଲାଇବ୍ରେରୀ, କ୍ରିକେଟ ଷ୍ଟାଡିୟମ୍, ହଷ୍ଟେଲ, ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ଅନ୍ୟାନ୍ୟ ବିଭାଗ ପରିଦର୍ଶନ ସହ ଏଠାକାର ଶୈକ୍ଷିକ ପରିବେଶ, ଜାତୀୟସ୍ତରୀୟ ଭିତ୍ତିଭୂମିର ଉଚ୍ଚ ପ୍ରଶଂସା କରିବା ସହ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପ୍ରଗାଢ଼ ନିଷ୍ଠା ଓ ଦୂରଦୃଷ୍ଟି ପାଇଁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଅଧ୍ୟକ୍ଷ ଡ. ରଥ ଶ୍ରୀମତୀ ଅରୁଣାଙ୍କୁ ଡ୍ରିମ୍‌ସର ଲୋଗୋ ଖଚିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।




## ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ମହୋତ୍ସବ



**ସାଲେପୁର,୨।୩(ସମିସ):** ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ହରିଡା ପଡିଆଠାରେ ହେବାକୁ ଥିବା ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ ଚବିଶ ବେଶ ପ୍ରଦର୍ଶନୀ କାର୍ଯ୍ୟକ୍ରମ ପାଇଁ ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସାଲେପୁରର ମା' ସାହେଶ୍ୱରୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ଚିତ୍ତରଞ୍ଜନ ପାଣି, ବିଶ୍ୱ ରଞ୍ଜନ ସାହୁ, ସୁରେଶ ରାଉତ, ବିଜୟ ଶତପଥି, ଶରତ ଲେଙ୍କା ପ୍ରମୁଖ ଯୋଗଦେଇ ଚଳିତ ମାସ ୯ରୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ତଥା ଧାରାବାହିକ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ପ୍ରବଚନ ପ୍ରଦାନ କରିବେ। ସେହିପରି ପ୍ରତିଦିନ ମହାପ୍ରଭୁଙ୍କର ଚବିଶ ବେଶ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଯଜ୍ଞ ଆଦି କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ବହୁସଂଖ୍ୟକ ଭକ୍ତମାନେ ଯୋଗଦେଇ ସାହାଯ୍ୟ ସହଯୋଗ କରିବା ସହ ପ୍ରଭୁକୃପା ଲାଭ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

## ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧନା



**ମାହାଙ୍ଗା,୨।୩(ସମିସ):** ମାହାଙ୍ଗା-ବାଲିଚନ୍ଦ୍ରପୁର ଅଞ୍ଚଳରେ ଦୀର୍ଘ ଦିନ ହେବ ଖବରକାଗଜ ବିତରଣ କରି ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇ ଦେଇ ଆସୁଥିବା ଅନୁ ସାହୁଙ୍କୁ ଯାଜପୁର ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ବିତରକ ସମ୍ମାନରେ ସମ୍ମାନୀତ କରାଯାଇଛି। ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ରାଜ୍ୟସ୍ତରୀୟ ସାମ୍ବାଦିକ ସମାବେଶରେ ମୁଖ୍ୟଅତିଥିଭାବେ ଓଡିଶା ବିଧାନସଭାର ବାଚସ୍ପତି ପ୍ରମିଳା ମଲିକ ଯୋଗଦେଇ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। ଜିଲ୍ଲା ସାମ୍ବାଦିକ ୟୁନିୟନ ସଭାପତି ଆଦିତ୍ୟ ମେକାପଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତାଭାବେ ଓଡିଶା ସାମ୍ବାଦିକ ୟୁନିୟନ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ସମ୍ମାନୀତ ଅତିଥିଭାବେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ଅନ୍ୟତମ ଅତିଥିଭାବେ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ରାଜ୍ୟ ସାଧାରଣ ସଂପାଦକ କମ୍ବୁପାଣି ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପତି ଓ ରାଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ସାହୁ ଏହି ସମ୍ମାନରେ ସମ୍ମାନୀତ ହୋଇଥିବାରୁ ମାହାଙ୍ଗା ଏବଂ ବାଲିଚନ୍ଦ୍ରପୁର ଅଞ୍ଚଳର ବହୁ ଅନୁଷ୍ଠାନ, ସାମ୍ବାଦିକ ଓ ବୁଦ୍ଧିଜୀବୀ, ଖବରକାଗଜ ଗ୍ରାହକଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣପଦକ ପାଇଲେ ସତ୍ୟସ୍ମିତା




**ନିଶ୍ଚିନ୍ତକୋଇଲି,୨।୩(ସମିସ):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସତ୍ୟସ୍ମିତା ସ୍ୱାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହାଛଡ଼ା ବିଶ୍ୱବିଦ୍ୟାଳୟର ବାର୍ଷିକ ଆଲୁମିନି ମିଟ୍ ୨୦୨୪ରେ ମଧ୍ୟ ୫ଟି ଶ୍ରେଷ୍ଠ ପୁରସ୍କାର ପାଇଛନ୍ତି। ଗତ ଶିକ୍ଷାବର୍ଷରେ ରସାୟନ ବିଜ୍ଞାନ ବିଷୟରେ ସ୍ନାତକୋତ୍ତର ଶ୍ରେଣୀରେ ଉତ୍କଳ ବିଶ୍ୱବିଦ୍ୟାଳୟସ୍ତରରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଥିବା ବେଳେ ଏକାଡ଼େମିକ ସେମିନାର ଓ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ପାଇଥିବାରୁ ସେ ଏଭଳି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତାଙ୍କର ଘର ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବନ୍ଧକାଟିଆ ଗ୍ରାମରେ ହୋଇଥିବା ବେଳେ ସେ ବିଶିଷ୍ଟ ସମାଜସେବୀ ସୂର୍ଯ୍ୟମଣୀ ସ୍ୱାଇଁଙ୍କ ନାତୁଣୀ ତଥା ପ୍ରକାଶ ଚନ୍ଦ୍ର ସ୍ୱାଇଁ ଓ ଅଙ୍ଗନବାଡ଼ି କର୍ମୀ ଅନୁପମା ପାତ୍ରଙ୍କ ସୁକନ୍ୟା। ଏଭଳି ପୁରସ୍କୃତ ହୋଇ ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଞ୍ଚଳକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରେ ତଥା ଶିକ୍ଷାବିତ୍ ବଟକୃଷ୍ଣ ସ୍ୱାଇଁ, ସରପଞ୍ଚ ପ୍ରଦୀପ୍ତ ପରିଡ଼ା, ପ୍ରାକ୍ତନ ସରପଞ୍ଚ ବସନ୍ତ ବେହେରା, ଅଶୋକ ସାହୁ, ଗୋବିନ୍ଦ ପାତ୍ର, କିଶୋର ତ୍ରିପାଠୀ ସ୍ୱାଗତ ଶୁଭେଚ୍ଛା କାମନା କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ଶିକ୍ଷକ ବଦଳିରେ ଅର୍ଥ କାରବାର ଘଟଣା

# ପ୍ରାଥମିକ ଶିକ୍ଷା ବିଭାଗର ଯୁଗ୍ମ ସଚିବଙ୍କ ତଦନ୍ତ

**ନିଶ୍ଚିନ୍ତକୋଇଲି,୨।୩(ସମିସ):**

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇ ଆସୁଥିଲା। କେତେକ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀ ବିଇଓଙ୍କୁ କରାୟତ କରି ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥ ଆଦାୟ କରି ଭାଗବାଣ୍ଟ କରି ଶିକ୍ଷକଙ୍କୁ ଶୋଷଣ କରି ଚାଲିଥିଲେ। ଏଭଳି କାର୍ଯ୍ୟରେ ଶିକ୍ଷକମାନେ ଅତିଷ୍ଠ ହୋଇପଡ଼ିଥିଲେ ମଧ୍ୟ ନିରୁପାୟ ହୋଇ କୌଣସି ଅଭିଯୋଗ କରିପାରୁ ନ ଥିଲେ। ଏବେ ସରକାରଙ୍କ ପକ୍ଷରୁ ଅନଲାଇନ ମାଧ୍ୟମରେ ଶିକ୍ଷକ ବଦଳି ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ଏଥିରେ ମଧ୍ୟ ଅର୍ଥ କାରବାର ପାଇଁ ଉଦ୍ୟମ କରୁଥିବା କେତେକ ଆଉଟସୋର୍ସିଂ କର୍ମଚାରୀଙ୍କ ବିରୋଧରେ ଶିକ୍ଷା ବିଭାଗର ମୋ ସ୍କୁଲ ପୋର୍ଟାଲରେ ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ୨୧ଜଣ ଶିକ୍ଷକମାନେ ବଦଳି ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ଏହି ଶିକ୍ଷକ ମାନଙ୍କର କାଗଜପତ୍ର ଯାଞ୍ଚ କରାଯିବା ପୂର୍ବରୁ ଏହାର ଦାୟିତ୍ୱରେ ଥିବା କର୍ମଚାରୀ ଜଣକ ସମ୍ପୃକ୍ତ ଶିକ୍ଷକଙ୍କ ସହିତ ଯୋଗାଯୋଗ କରି ଜଣକ ପିଛା ୧୦ ହଜାରରୁ ୩୦ହଜାର ପର୍ଯ୍ୟନ୍ତ ଅର୍ଥ ମାଗିଥିବା ଅଭିଯୋଗ ହୋଇଛି। ଅନଲାଇନ ମାଧ୍ୟମରେ ବଦଳି ହେବାକୁ ଥିବା ଶିକ୍ଷକମାନଙ୍କର ରେକର୍ଡ ପତ୍ର ଯାଞ୍ଚ ହେବାର ନିୟମ ଥିବାବେଳେ ଏହି କର୍ମଚାରୀ ଜଣକ ଶିକ୍ଷକଙ୍କୁ ଅଫିସକୁ ଡ଼ାକି ଅଫଲାଇନରେ ଯାଞ୍ଚ କରିବା ପାଇଁ କହିଥିଲେ। ବଦଳିରେ ଆବେଦନ କରିଥିବା ଶିକ୍ଷକମାନଙ୍କୁ କାର୍ଯ୍ୟାଳୟର ଅଧିକାରୀଙ୍କ ନାମ କହି ଅର୍ଥ ମଗାଯାଉଥିବା ସଂକ୍ରାନ୍ତରେ ଜନୈକ ଶିକ୍ଷକ ରେକର୍ଡିଂ କରି ଶିକ୍ଷା ବିଭାଗ ନିକଟକୁ ପଠାଇଥିଲେ। ଏହି ଅଭିଯୋଗ ପରେ ଶିକ୍ଷା ବିଭାଗର ତତ୍ପରତା ପ୍ରକାଶ କରାଯାଇ ଏହାର ତଦନ୍ତ କରିବା ପାଇଁ ପ୍ରାଥମିକ ଶିକ୍ଷା ବିଭାଗର ଯୁଗ୍ମ ସଚିବ ସନାତନ ପଣ୍ଡାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ମଙ୍ଗଳବାର ଦିନ ଶ୍ରୀ ପଣ୍ଡା ନିଶ୍ଚିନ୍ତକୋଇଲି ମଣ୍ଡଳ

### ସରକାରଙ୍କୁ ପ୍ରଦାନ କରାଗଲା ତଦନ୍ତ ରିପୋର୍ଟ




ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ଆସି ଏହାର ବିଧିବଦ୍ଧ ତଦନ୍ତ କରିଥିଲେ। ବଦଳି ପାଇଁ ଆବେଦନ କରିଥିବା ୨୧ଜଣ ଶିକ୍ଷକଙ୍କୁ ପଚରାଉଚରା କରିବା ସହିତ ଯେଉଁ କର୍ମଚାରୀଙ୍କ ନାମରେ ଅଭିଯୋଗ ହୋଇଥିଲା ତାଙ୍କୁ ମଧ୍ୟ ପଚରାଉଚରା କରିଥିଲେ। ଏହାଛଡ଼ା ତଦନ୍ତ ସମୟରେ କାର୍ଯ୍ୟାଳୟରେ କେତେକ କାଗଜପତ୍ରରେ ବହୁ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। କାର୍ଯ୍ୟାଳୟ ଗୁଡ଼ିକର କାଗଜପତ୍ର ସବୁବେଳେ ଠିକଠାକ୍ ରଖିବା ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଚେତାବନୀ ଦେଇଥିବା ଜଣାଯାଇଛି। ଶିକ୍ଷକ ବଦଳିରେ ଅଧିକାରୀଙ୍କ ନାମ କହି ଅର୍ଥ ଆଦାୟ କରିବା ଘଟଣାକୁ ଖୋଦ୍ ଅଧିକାରୀ ଅସ୍ୱୀକାର କରିଥିଲାବେଳେ କାହା ପ୍ରରୋଚନାରେ ସମ୍ପୃକ୍ତ ଆଉଟସୋର୍ସିଂ କର୍ମଚାରୀ ଜଣକ ଅର୍ଥ ମାଗିଥିଲେ ତାହାର ମଧ୍ୟ ତଦନ୍ତ କରାଯାଇଛି। ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ପରେ ଅଧିକାରୀଙ୍କର ମଧ୍ୟ ରିପୋର୍ଟ ଗ୍ରହଣ କରାଯାଇଛି। ସମସ୍ତ ରିପୋର୍ଟ ଦାଖଲ ପରେ ଯୁଗ୍ମ ସଚିବ ଶ୍ରୀ ପଣ୍ଡା ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ତଦନ୍ତ ରିପୋର୍ଟ ସମ୍ପର୍କରେ କୌଣସି ତଥ୍ୟ ପ୍ରଦାନ କରିବାକୁ ମନା କରିଦେଇଥିଲେ। ଅଭିଯୋଗର ତଦନ୍ତ ହେବା ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଶିକ୍ଷକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଟେନାମେଣ୍ଟର ୧୧୬ ପରିବାରକୁ ମିଳିବ ଜମି ପଟ୍ଟା



**ଚୌଦ୍ୱାର,୨।୩(ସମିସ):** ଚୌଦ୍ୱାର ପୌରପାଳିକା ୧୦ ନମ୍ବର ୱାର୍ଡ଼ର ଅନ୍ତର୍ଗତ ଲେବର ଟେନାମେଣ୍ଟରେ ରହୁଥିବା ୧୧୬ ପରିବାରକୁ ସରକାର ଘରର ପଟ୍ଟା ପ୍ରଦାନ କରିବା ନିଶ୍ଚିତ ହୋଇଛି। କଟକ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଓ କଟକ ଏଡିଏମ୍ ଉମାକାନ୍ତ ରାଜ ଶନିବାର ଦିନ ଟେନାମେଣ୍ଟରେ ପହଞ୍ଚି ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ତଥା ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ଉପସ୍ଥିତିରେ ପୂର୍ବ ନିର୍ଦ୍ଧାରିତ ୧୧୬ ପରିବାରକୁ ସେମାନେ ରହୁଥିବା ଘରର ପଟ୍ଟା ପ୍ରଦାନ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରାଇଥିଲେ। ପ୍ରତି ପରିବାର ଚୁକ୍ତିନାମା ପତ୍ରରେ ସ୍ୱାକ୍ଷର କରିବା ସହିତ ଘର ପାଇଁ ଧାର୍ଯ୍ୟ ଖଜଣା ପ୍ରଦାନ କରି ପାଉତି ହାସଲ କରିଥିଲେ। ସୂଚନାଯୋଗ୍ୟ ଯେ, ଚୌଦ୍ୱାରସ୍ଥିତ ଲେବର ଟେନାମେଣ୍ଟରେ ମୋଟ ୨୨୮ ପରିବାର ସରକାରଙ୍କ ଦ୍ୱାରା ନିର୍ମିତ କ୍ୱାର୍ଟର ଗୁଡ଼ିକରେ ଆଜକୁ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସୁଛନ୍ତି। ସେମାନେ ରହୁଥିବା ଘରର ପଟ୍ଟା ସେମାନଙ୍କ ନାମରେ ପ୍ରଦାନ କରିବା ପାଇଁ ସେମାନେ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ । ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦ ତରଫରୁ ଏ ସମ୍ପର୍କିତ ଦାବିପତ୍ର ଜିଲ୍ଲା ପ୍ରଶାସନ, ରାଜସ୍ୱ ବିଭାଗ, ରାଜ୍ୟ ପ୍ରଶାସନ, ରାଜ୍ୟ କ୍ୟାବିନେଟ ତଥା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହ ଏ ଦିଗରେ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଟେନାମେଣ୍ଟ ବାସୀଙ୍କ ଦୁଃଖ ଲାଘବ ପାଇଁ ରାଜସ୍ୱ ବିଭାଗ ପ୍ରଥମ ପର୍ଯ୍ୟାୟରେ ୧୧୬ ପରିବାରକୁ ପଟ୍ଟା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିଲେ । ସ୍ଥାନୀୟ ଯଯାତି କେଶରୀ କ୍ଲବ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟେନାମେଣ୍ଟ ଉନ୍ନୟନ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ। ପଟ୍ଟା ମିଳିବା ନିଶ୍ଚିତ ହୋଇଥିବାରୁ ଟେନାମେଣ୍ଟ ବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ବାଙ୍କୀ ଏନ୍ଏସିର ପ୍ରଥମ କାଉନସିଲରଙ୍କ ପରଲୋକ

**ବାଙ୍କୀ,୨।୩(ସମିସ):** ଆଜି ସନ୍ଧ୍ୟାରେ ବାଙ୍କୀ ଏନ୍ଏସିର ୧୦ନମ୍ବର ୱାର୍ଡ (ଟାଉନ)ର ପ୍ରଥମ ନିର୍ବାଚିତ କାଉନସିଲର ଧନେଶ୍ୱର ସିଂଙ୍କର ତାଙ୍କ ବାଙ୍କୀ ଟାଉନସ୍ଥ ମାଣିକପାଟଣା ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୭ବର୍ଷ ବୟସ ହୋଇଥିଲା। ସେ ଡମପଡ଼ା ରାଜାଙ୍କର ଗୀତିକାର ଭାବରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଥିଲେ। ବାଙ୍କୀ ଏନ୍ଏସି ଗଠିତ ହେବା ପରେ ସେ ୧୦ନମ୍ବର ୱାର୍ଡର କାଉନସିଲର ଭାବରେ ନିର୍ବାଚିତ ହୋଇ ବହୁ ବର୍ଷ ଧରି କାର୍ଯ୍ୟ କରିଥିଲେ। ତାଙ୍କୁ ବାଙ୍କୀ ମହୋତ୍ସବ ପକ୍ଷରୁ ବାଙ୍କୀଶ୍ରୀ ସମ୍ମାନ ଓ ଡମପଡ଼ା ରାଜାଙ୍କର ଗୀତିକାର ସମ୍ମାନ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ସେ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ସଭ୍ୟ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବାଙ୍କୀ ଏନ୍ଏସି ନଗରପାଳଙ୍କ ପ୍ରତିନିଧି କାଉନସିଲର ସନାତନ ବେହେରା, ସାଂସଦଙ୍କ ପ୍ରତିନିଧି କାଉନସିଲର ସୋ÷ମେନ୍ଦ୍ର ମିଶ୍ର, ଏନ୍ଏସିର ଅବସରପ୍ରାପ୍ତ ବରିଷ୍ଠ କର୍ମ.ରୀ ସୁଦର୍ଶନ ଦାସ, ଗୋଖା ସାହୁ, ୧୦ନମ୍ବର କାଉନସିଲର ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର ସଂଜୟ ସିଂ ପରିଡା, ଅଜୟ ପରିଡା, ବିନୟ ପରିଡାଙ୍କ ସମେତ ପତ୍ନୀ ଓ ଝିଅମାନେ ଉପସ୍ଥିତ ଥିଲେ। ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ନିକଟସ୍ଥ ଚର୍ଚ୍ଚିକା ଶ୍ମଶାନକୁ ନିଆଯାଇ ଶବସତ୍କାର କରାଯାଇଥିଲା। ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ସଭାପତି ବିରଞ୍ଚି ଦାସ ଶ୍ରୀ ସିଂଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବିଡିଓ ଏବଂ ପିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୨।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କ ବାରଙ୍ଗ ବ୍ଲକକୁ ବଦଳି ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ମହନ୍ତଙ୍କୁ କଟକ ସଦର ଓ ବିଜୟ ରାମ ସ୍ୱାଇଁଙ୍କୁ ଆଠଗଡ଼ ବ୍ଲକକୁ ବଦଳି କରାଯାଇଛି। ଏହି ଅବସରରେ ବ୍ଲକ ପକ୍ଷରୁ ଅଧ୍ୟକ୍ଷ ରୋଜି ସେଠୀଙ୍କ ପୌରହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ଉପାଧ୍ୟକ୍ଷ ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜ୍ୟୋତିପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ଅତିରିକ୍ତ ବିଡିଓ ଅଶୋକ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଅନାମଚରଣ ବିଶ୍ୱାଳ, ବିଜୟ ସେଠୀ, ବନ୍ୟା ମହାନ୍ତି, ଲିଲିମା ନାୟକ, ବରିଷ୍ଠ କିରାଣୀ ଦିବ୍ୟଲୋଚନ ସ୍ୱାଇଁ, ସିପି ତାପସ ତନୟ ପଟ୍ଟନାୟକ, କ୍ୟାସିୟର ସେକ୍ ଜିଆଉଦ୍ଦିନ୍ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ତିନି ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ବଡମ୍ବା,୨।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡମ୍ବା ନିର୍ବାଚନ ମଣ୍ଡଳୀର ବିକାଶର ଧାରାକୁ ଆଗକୁ ନେବା ପାଇଁ ଶନିବାର ଦିନ ଅପରାହ୍ନ ୪ଟା ୩୦ସମୟରେ ବଡମ୍ବା କଟେରୀ ସ୍ଥିତ କଲେଜ ପଡିଆରେ ଆଭାସୀ ମାଧ୍ୟମରେ ବଡମ୍ବାର ତିନି ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି। ହାଡୁଆ ଜଳସେଚନ ପ୍ରକଳ୍ପ ପାଇଁ ୬୬୩ କୋଟି ଓ କେନାଲ ବ୍ୟବସ୍ଥା ପାଇଁ ୫୨୦ କୋଟି ଟଙ୍କା ଏହି ପରି ସର୍ବମୋଟ ୧୧୮୩ କୋଟି ବ୍ୟୟବରାଦ କରାଯାଇଛି ଗୋପୀନାଥପୁର, ବୈଦେଶ୍ୱର ଟି-ସେତୁ ଠାରେ ମହାନଦୀ ଜଳକୁ ସଂରକ୍ଷଣ କରିବା ପାଇଁ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ୩୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଫଳରେ ଖରାଦିନେ ମହାନଦୀର ଜଳକୁ ଆନିକଟ ଦ୍ୱାରା ଅଟକା ଯାଇ ଖରାଦିନେ ପାଣିର ସଂକଟ ସମୟରେ ପାଣି ବିନିଯୋଗ କରାଯାଇପାରିବ ଯାହା ଦ୍ୱାରା ଚାଷୀକୁଳର ଉନ୍ନତି ଓ ମତ୍ସ୍ୟଜୀବିଙ୍କର ଜୀବନ ଜୀବିକାରେ ସହାୟକ ହୋଇପାରିବ ବୋଲି ବିଧାୟକ ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଏହି ଆଭାସି କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ଭାବେ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ମିଶ୍ର, ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ୩୦ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ବିଡିଓ ରମେଶ ଜେନା, ବଡମ୍ବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ସମତେ ବିଭାଗୀୟ ଅଧିକାରୀ ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ମହିଳା ଗୋଷ୍ଠୀ, ସମାଜସେବୀ, ଜନପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ୩୦ ନମ୍ବର ଜୋନ ଓ ୩୧ ନମ୍ବର ଜୋନର ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩୦ ନମ୍ବର ଜୋନର ୫ଟି ପଞ୍ଚାୟତର ୫୩୩ଜଣଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ୩୧ ନମ୍ବର ଜୋନର ୧୪ଟି ପଞ୍ଚାୟତର ୬୧୪ ଜଣଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟ ମୁଖ୍ୟଅତିଥି ବିଧାୟକ ଶ୍ରୀ ମିଶ୍ରଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା।

## ଅଙ୍ଗନବାଡ଼ି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା



**ନିଶ୍ଚିନ୍ତକୋଇଲି,୨।୩(ସମିସ):** ରାଜ୍ୟ ସରକାର ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କର ପ୍ରୋତ୍ସାହନ ରାଶି ବଢାଇବା ସହିତ ଅବସରକାଳୀନ ଭତ୍ତା ବୃଦ୍ଧି ଓ ଦୁର୍ଘଟଣା ଜନିତ ରାଶି ବଢାଇଛନ୍ତି। ଏଥିପାଇଁ ଅଙ୍ଗନବାଡ଼ି ସଂଘର ଦୀର୍ଘଦିନର ଆଶା ଓ ଭରସା ପୂରଣ ହେବାରୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରି ଧନ୍ୟବାଦ ଦେଇଛନ୍ତି। ବିଜୁ ଶ୍ରମିକ ସାମୁଖ୍ୟ ଅଙ୍ଗନବାଡ଼ି କର୍ମୀ ଓ ସହାୟକ ସଂଘର ସଭାନେତ୍ରୀ କନକଲତା ସାହୁଙ୍କ ପୌରହିତ୍ୟରେ ଏଥିରେ ସମ୍ପାଦିକା ପ୍ରଣତି ମହାପାତ୍ର, କର୍ମକର୍ତ୍ତା ଛବିତା ସିଂ, ଭାରତୀ ଦାସ, ଜୟଶ୍ରୀ ରାଉତ, ଅମିତା ଜେନାଙ୍କ ସମେତ ବହୁ କର୍ମୀ ଯୋଗଦେଇ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବା ସହ ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ।

# ଦେଉଳି ମଠ ଅଭିମୁଖେ ପ୍ରାଚୀ ପରିକ୍ରମା ପଦଯାତ୍ରୀ ଦଳ

**ନିଆଳି,୨।୩ (ସମିସ)**




ଗତ ଗୁରୁବାର ଠାରୁ ପ୍ରାଚୀ ପରିକ୍ରମା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ପ୍ରାଚୀ ପରିକ୍ରମା ପଦଯାତ୍ରୀ ଦଳ ଶୁକ୍ରବାର ଜଗନ୍ନାଥଙ୍କ ମାମୁଁଘର ମାଧବାନନ୍ଦଜୀୟୁଙ୍କ ମନ୍ଦିରରେ ରାତ୍ରି ରହଣି କରିଥିବା ବେଳେ ଶନିବାର ନିଆଳି ବ୍ଲକ୍ କୃଷ୍ଣପ୍ରସାଦ ପଞ୍ଚାୟତ ଅଙ୍ଗେଶ୍ୱର, କାଶୀ ବିଶ୍ୱନାଥ ଓ ନିଭରଣ ପଞ୍ଚାୟତ ଗ୍ରାମେଶ୍ୱର ମନ୍ଦିରରେ ପହଞ୍ଚିଥିବା ଜଣାଯାଇଛି। ଶନିବାର ପ୍ରାତଃରୁ ପ୍ରାଚୀ ପରିକ୍ରମା ପଦଯାତ୍ରୀ ଦଳ ଜଗନ୍ନାଥଙ୍କ ମାମୁଁ ଘର ମାଧବାନନ୍ଦଜୀୟୁଙ୍କ ମନ୍ଦିର ଠାରେ ମା' ପ୍ରାଚୀ ସରସ୍ୱତୀଙ୍କ ଆଳତୀ ସାରି ସେଠାରୁ ବାହାରି ନୂଆ ପିତାପଡ଼ା ଠାରେ ପହଞ୍ଚିବା ପରେ ସେଠାରେ ପ୍ରଭୁ ଅଙ୍ଗେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ। ପରେ ଏହି ପଦଯାତ୍ରୀ ଦଳ ନୂଆବେଟେଣ୍ଡା ସ୍ଥିତ କାଶୀ ବିଶ୍ୱନାଥ ମନ୍ଦିର ମହାଦେବଙ୍କୁ ଦର୍ଶନ କରି ଆଗକୁ ବଢ଼ିଥିଲେ। ପରେ ଏହି ପଦଯାତ୍ରୀ ଦଳ ନିଭରଣ ଦେଇ ସ୍ଥାନୀୟ ଗ୍ରାମେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ପରେ କାକଟପୁର ଦେଉଳି ମଠ ଅଭିମୁଖେ ଯାତ୍ରା କରିଥିଲେ। ଏହି ପଦଯାତ୍ରା ସମୟରେ ବହୁ ବିଦେଶୀ ଭକ୍ତଙ୍କ ସହ ଶହ ଶହ ସଂଖ୍ୟାରେ ସନ୍ଥ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ପଦଯାତ୍ରାରେ ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ସହ ସ୍ୱାମୀ ସୁଧାନନ୍ଦ ଗିରି, ବାବାଜୀ ଦାମୋଦର ଦାସ, ନନ୍ଦ ବାବା, ଅଭିରାମ ବାବା, ସ୍ୱାମୀ ଚିନ୍ତାମଣୀ ପର୍ବତ, ମହନ୍ତ ରାମକୃଷ୍ଣ ଦାସ, ବାବାଜି ରାମ ଦାସ, ବାବାଜି ସତ୍ୟାନନ୍ଦ ଦାସ, ନ୍ୟାୟବ୍ରତ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ପୁସ୍ତକ 'ପୋଢୁଆଁ ଯାତ୍ରା' ଉନ୍ମୋଚିତ

**ନିଆଳି,୨।୩(ସମିସ):** ପୁସ୍ତକ 'ପୋଢୁଆଁ ଯାତ୍ରା'ର ପ୍ରଥମ ସଂସ୍କରଣ ନିଆଳି ମାଧବ ସ୍ଥିତ ଶ୍ରୀ ଜୀୟୁଙ୍କ ମାମୁଁ ଘର ମାଧବାନନ୍ଦଜୀୟୁଙ୍କ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। ମାଧବ ମନ୍ଦିରରେ ପ୍ରାଚୀ ପରିକ୍ରମା ଦଳ ପହଞ୍ଚିବା ପରେ ସେଠାରେ ଅନୁଷ୍ଠିତ ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ସନ୍ଥ ପ୍ରଜ୍ଞାନାନନ୍ଦ ମହାରାଜଙ୍କ କରକମଳରେ ଏହି ପୁସ୍ତକ ଉନ୍ମୋଚିତ ହୋଇଥିଲା। ୧୧୨ ପୃଷ୍ଠାର ଏହି ପୁସ୍ତକରେ ବହୁ ଲେଖକ ଲେଖିକାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ସମ୍ମିଳିତ ଲେଖାମାନ ପ୍ରକାଶ ପାଇଛି। ସେହିପରି ମାଧବ ପୀଠରୁ ପୁରୀ ଜଗନ୍ନାଥ ଧାମକୁ ଯାଇଥିବା ପୋଢୁଆଁ ଭାର ଯାତ୍ରାର ସମସ୍ତ ତଥ୍ୟ ବିବରଣୀ ଏହି ପୁସ୍ତକରେ ସ୍ଥାନିତ ହୋଇଛି। ଅନୁଷ୍ଠିତ ଉତ୍ସବରେ ଶ୍ରୀମନ୍ଦିର ସେବାୟତ ପଣ୍ଡିତ ରାମକୃଷ୍ଣ ମହାପାତ୍ର, ଶ୍ରୀ ନନ୍ଦବାବା, ସେବାୟତ ତ୍ରିଲୋଚନ ପୁଷ୍ପାଳକ, ଓଡ଼ିଶା ବାୟାଚଢ଼େଇ ସୁରକ୍ଷା ଅଭିଯାନର ଆବାହକ ପିତାମ୍ବର ରାଉତ, ଭାସ୍କର ପୁଷ୍ପାଳକ, ବିଷ୍ଣୁ ଚରଣ ଦୀକ୍ଷିତ୍, ଯୋଗେନ୍ଦ୍ର ଦାସ, ବିଜୟ ପରିଜା ପ୍ରମୁଖ ଯୋଗଦେଇଥିଲେ।



ସକାଳ THE SAKALA



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୨.୮୫ ● ପାଉଣ୍ଡ ୧୦୪.୮୩
- ୟୁରୋ ୮୯.୭୭ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୮,୭୫୦ (ନୂଆଦିଲ୍ଲୀ)
- ରୁପା : ୭୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୮୦୬.୦୦
- ନିଫ୍ଟି ୨୨,୩୭୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ଜେପିଏଲକୁ 'ଟେଲିକମ୍ କମ୍ପାନୀ ଅଫ୍ ଦି ଇୟର' ମାନ୍ୟତା

**ମୁମ୍ବାଇ,୨।୩(ଏଜେନ୍ସି):** ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ), ଏସିଆନ୍ ଟେଲିକମ୍ ପୁରସ୍କାର ୨୦୨୪ ରେ 'ଟେଲିକମ୍ କମ୍ପାନୀ ଅଫ୍ ଦି ଇୟର' ମାନ୍ୟତା ହାସଲ କରିଛି । ଜିଓ ପ୍ଲାଟଫର୍ମସର ଅଭିନବ ନବସୃଜନ ଯାତ୍ରାରେ ଏହା ଏକ ମାଇଲଖୁଣ୍ଟ ।ସିଙ୍ଗାପୁରର ମାରିନା ବେ ସ୍ୟାଣ୍ଡସ ଏକ୍ସପୋ ଓ କନଭେନସନ୍ ସେଣ୍ଟରରେ ଏହି ସମ୍ମାନ ପ୍ରଦାନ କରାଯାଇଛି ।ବିଶ୍ୱର ସର୍ବବୃହତ ୫ଜି ଷ୍ଟାଣ୍ଡ-ଏଲୋନ (ଏସଏ) କୋର ନେଟୱର୍କ ସ୍ଥାପନ କରିଥିବା ଏକ ମହତ୍ତ୍ୱପୂର୍ଣ୍ଣ ଉଦ୍ୟୋଗ ଭାବେ ଜିଓ ପ୍ଲାଟଫର୍ମସ ଲିମିଟେଡକୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ସ୍ୱଦେଶୀ ଭାବରେ ବିକଶିତ ଅଭିନବ ସମାଧାନ ଜରିଆରେ ବିଶ୍ୱରେ ଟେଲି ଯୋଗାଯୋଗ ଓ ସଂଚାର କ୍ଷେତ୍ରକୁ ଆଗକୁ ବଢାଇବାର ବୈଷୟିକ ଶକ୍ତି ଏବଂ ପ୍ରତିବଦ୍ଧତାର ପରିଚାୟକ ।ଏହା ଜିଓ ପ୍ଲାଟଫର୍ମସ ଲିମିଟେଡର ରଣନୀତିକ ଦୂରଦୃଷ୍ଟି, ଇଞ୍ଜିନିୟରିଂ କ୍ଷମତା ଏବଂ ଡିଜିଟାଲ୍ ଦୃଶ୍ୟପଟର ରୂପାନ୍ତରଣ ତଥା ଟେଲିକମ ଶିଳ୍ପ ପାଇଁ ଉତ୍କର୍ଷର ନୂତନ ମାନକ ସୃଷ୍ଟି କରିବାରେ ନେତୃତ୍ୱ ସ୍ଥାନକୁ ପ୍ରତିଫଳିତ କରୁଛି ।

## ମାଲାବାର ଗୋଲ୍ଡ ପକ୍ଷରୁ 'ଡାଇମଣ୍ଡ ଶୋ' କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨।୩(ସମିସ):** ମାଲାବାର ଗୋଲ୍ଡ ଏବଂ ଡାଇମଣ୍ଡସ୍ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ହୀରା ଅଳଙ୍କାର ପ୍ରଦର୍ଶନ ଲାଗି ଏହାର ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। 'ଡାଇମଣ୍ଡ ଶୋ' ଭାବେ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୨ ରୁ ୧୦ ତାରିଖ ଯାଏ ଚାଲୁ ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ମାଲାବାର ଗୋଲ୍ଡ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ଏବଂ ରୁଚିପୂର୍ଣ୍ଣ ହୀରା ଗହଣାର ଅନୁଭୂତି ହାସଲ କରିବାକୁ କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି। ଶନିବାର ଅଭିନେତ୍ରୀ ତଥା ଯୋଗ ପ୍ରଶିକ୍ଷକ କାଜଲ ଶତପଥିଙ୍କ ଦ୍ୱାରା ଏହି ସ୍ୱତନ୍ତ୍ର ଶୋ' କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯିବା ପରେ ଗ୍ରାହକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା କୁହାଯାଇଛି।

## ଔଦ୍ୟୋଗିକତାର ପ୍ରସାର ଦିଗରେ ଏସ୍‌ଟିପିଆଇ'ର ନୂତନ ପ୍ରୟାସ



**ଭୁବନେଶ୍ୱର,୨।୩(ସମିସ):** ଇଲେକ୍‌ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ ଓ ବିକାଶ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସଫ୍ଟୱେୟର ଟେକ୍‌ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସ୍‌ଟିପିଆଇ) ସମସ୍ତ ସହଭାଗୀ ଏବଂ ପରିସଂସ୍ଥାନ ଅଂଶୀଦାରଙ୍କ ସହିତ ଆଲୋଚନା ଜରିଆରେ ପଦକ୍ଷେପ ନେବା ଆରମ୍ଭ କରିଛି। ଏସ୍‌ଟିପିଆଇ-ଭୁବନେଶ୍ୱର ଏବଂ ନୂଆଦିଲ୍ଲୀସ୍ଥିତ ଏସ୍‌ଟିପିଆଇ ମୁଖ୍ୟ ଦପ୍ତରର ବରିଷ୍ଠ ଅଧିକାରୀବୃନ୍ଦ ଷ୍ଟାର୍ଟଅପ୍‌ସମୂହ, ଶିକ୍ଷାବିତ୍, ଛାତ୍ରଛାତ୍ରୀ, ଇଏସ୍‌ଡିଏମ୍ ଶିଳ୍ପସମୂହ ଏବଂ ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ ସ୍ଥାପନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏସ୍‌ଟିପିଆଇ-ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ୧୫ରୁ ଅଧିକ ଷ୍ଟାର୍ଟଅପ୍ ସେମାନଙ୍କର ନବୋନ୍ମେଷୀ ଚିନ୍ତାଧାରା ଏବଂ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଏ କ୍ଷେତ୍ରର ବିପୁଳ ପରିମାଣର ଏବଂ ପ୍ରଭାବୀ ଫଳାଫଳ ପାଇବାକୁ ଶିଳ୍ପ ଓ ଶିକ୍ଷାବିତ୍‌ଙ୍କ ସହିତ ପ୍ରଯୁକ୍ତିଗତ ସହଯୋଗିତା ସ୍ଥାପନର ଦୃଢ ଆବଶ୍ୟକତା ଅନୁଭୂତ ହୋଇଥିଲା। ଅର୍ଥପୂର୍ଣ୍ଣ ସହଯୋଗିତା ଦ୍ୱାରା ଉତ୍ପାଦ ବିକାଶ ସମୟଚକ୍ର ହ୍ରାସ କରିବା ଉଚିତ ବୋଲି ଗୁରୁତ୍ୱ ଦିଆଯାଇଥିଲା। ଷ୍ଟାର୍ଟଅପ୍‌ଗୁଡିକ ନିମନ୍ତେ ଏସ୍‌ଟିପିଆଇ ପକ୍ଷରୁ ପ୍ରତିବଦ୍ଧତା ପ୍ରକାଶ କରାଯିବା ସହିତ ବଜାର ପାଇଁ ଷ୍ଟାର୍ଟଅପ୍‌ଗୁଡିକର ସାମ୍ପ୍ରତିକ ସମୟର ସ୍ୱପ୍ନକୁ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ସମସ୍ତ ସମ୍ଭାବ୍ୟ ସମର୍ଥନ ଓ ସହଯୋଗ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହିକ୍ରମରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ଏବଂ କଲେଜ୍‌ଗୁଡିକରୁ ଆସିଥିବା ଶିକ୍ଷାବିତ୍‌ମାନଙ୍କ ସହିତ ଏକ ମାନସମନ୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଇଆଇଏଫ୍ଏଲ୍ ଫାଇନାନ୍ସ ପକ୍ଷରୁ 'ଲେଡିସ୍ ଫାର୍ଷ୍ଟ' ଗୋଲ୍ଡ ଲୋନ୍ ମେଳା

**ଭୁବନେଶ୍ୱର,୨।୩(ସମିସ):** ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ ଆଇଆଇଏଫ୍ଏଲ୍ ଫାଇନାନ୍ସ କେବଳ ମହିଳା ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର 'ଲେଡିସ୍ ଫାର୍ଷ୍ଟ' ଗୋଲ୍ଡଲୋନ୍ ମେଳା କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଛି। ଏହି ଅବସରରେ ଆସନ୍ତା ୫ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଭାରତବ୍ୟାପୀ ଆଇଆଇଏଫ୍ଏଲ୍ ଫାଇନାନ୍ସ ଶାଖାଗୁଡିକରୁ ସୁନା ଋଣ ନେଉଥିବା ସମସ୍ତ ନୂଆ ମହିଳା ଗ୍ରାହକଙ୍କୁ ଏକ ନିଶ୍ଚିତ ଉପହାର ଓ ଶୂନ ପ୍ରୋସେସିଂ ଫି' ପ୍ରଦାନ କରାଯିବ ।ଆଇଆଇଏଫ୍ଏଲ୍ ଫାଇନାନ୍ସ ବିଜେତାମାନଙ୍କୁ ଗୋଲ୍ଡ କଏନ ସମେତ ବମ୍ପର ପ୍ରାଇଜ୍ ମଧ୍ୟ ପ୍ରଦାନ କରିବ ବୋଲି ସୂଚନା ଦେଇଛି। ଆଇଆଇଏଫ୍ଏଲ୍ ଫାଇନାନ୍ସ ଋଣ ସମ୍ପତ୍ତି ଦୃଷ୍ଟିରୁ ଭାରତର ୨ୟ ସର୍ବବୃହତ୍ ଗୋଲ୍ଡ ଲୋନ୍ କମ୍ପାନୀ। ଆଇଆଇଏଫ୍ଏଲ୍ ଫାଇନାନ୍ସର ୨୫%ରୁ ଅଧିକ ବା ୮୫ ଲକ୍ଷ ଋଣଧାରକ ହେଉଛନ୍ତି ମହିଳା ଏବଂ ସେମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା କମ୍ପାନୀ କହିଛି।

## ଆହୁରି ଫେରିବ ୮ ହଜାର କୋଟିର ୨ ହଜାର ଟଙ୍କିଆ ନୋଟ୍

**ମୁମ୍ବାଇ, ୨।୩(ଏଜେନ୍ସି):** ବର୍ତ୍ତମାନ ସୁଦ୍ଧା ବଜାରରୁ ସବୁ ଦୁଇ ହଜାର ଟଙ୍କିଆ ନୋଟ୍ ଫେରିନି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଦୁଇ ହଜାର ଟଙ୍କିଆ ନୋଟ୍ ପ୍ରଚଳନ ହେବା ଠାରୁ ଯେତିକି ସଂଖ୍ୟକ ନୋଟ୍ ବଜାରକୁ ଛଡାଯାଇଥିଲା ସେଥିମଧ୍ୟରୁ ୯୭.୬୨ ପ୍ରତିଶତ ନୋଟ୍ ଫେରି ଆସିଛି। ତେବେ ୮,୪୭୦ କୋଟି ଟଙ୍କାର ୨ ହଜାର ଟଙ୍କା ନୋଟ୍ ଏବେ ବି ବଜାରରେ ରହିଛି ବୋଲି କୁହାଯାଇଛି। ଏବେ ବି ୨ ହଜାର ଟଙ୍କିଆ ନୋଟର ବୈଧତା ରହିଛି ବୋଲି ଆରବିଆଇ କର୍ତ୍ତୃପକ୍ଷ କହିଥିଲା ବେଳେ ଫେବୃଆରୀ ୨୯ ସୁଦ୍ଧା ବନ୍ଦ ହେବା ବେଳେକୁ ଆହୁରି ୮,୪୭୦ କୋଟି ଟଙ୍କାର ୨ ହଜାର ଟଙ୍କା ନୋଟ୍ ଫେରି ନାହିଁ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମେ '୨୦୨୩ରେ ଆରବିଆଇ ୨ହଜାର ଟଙ୍କା ନୋଟ ପ୍ରଚଳନ ଉପରେ ରୋକ୍ ଲଗାଇଥିଲେ। ଏହି ସମୟରେ ଦେଶରେ ୩.୫୬ଲକ୍ଷ କୋଟି ଟଙ୍କାର ୨ ହଜାର ଟଙ୍କା ନୋଟ ବଜାରରେ ରହିଥିଲା। ବ୍ୟାଙ୍କରେ ୭ ଅକ୍ଟୋବର ୨୦୨୩ ସୁଦ୍ଧା ୨ ହଜାର ଟଙ୍କା ନୋଟ ବଦଳାଇବାକୁ ସର୍ବସାଧାରଣଙ୍କୁ କୁହାଯାଇଥିଲା। ଏଥିପାଇଁ ଆରବିଆଇ ପକ୍ଷରୁ ଦେଶର ସବୁ ବ୍ୟାଙ୍କ ଶାଖାରେ ଲୋକଙ୍କୁ ନୋଟ ବଦଳାଇବା ପାଇଁ ସୁବିଧା କରାଯାଇଥିଲା। ଏହା ପରେ ୯ ଅକ୍ଟୋବର ୨୦୨୩ରେ ଆରବିଆଇ ନିଜ ଦପ୍ତରରେ ଲୋକଙ୍କୁ ଟଙ୍କା ବଦଳାଇବାର ସୁବିଧା ପ୍ରଦାନ କରିଥିଲେ। କିନ୍ତୁ ଏବେ ବି ୮,୪୭୦ କୋଟି ଟଙ୍କାର ୨ହଜାର ଟଙ୍କା ନୋଟ୍ ବଜାରରୁ ଆରବିଆଇ ନିକଟକୁ ଫେରି ନଥିବା କୁହାଯାଇଛି।

## ଅନ୍‌ଲାଇନରେ ହେବ ଖବରକାଗଜ, ପତ୍ରିକାର ପଞ୍ଜୀକରଣ

**ନୂଆଦିଲ୍ଲୀ, ୨।୩ (ଏଜେନ୍ସି):** ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେସନ୍ ଅଫ୍ ପିରିୟଡିକାଲ୍ ଆକ୍ଟ (ପିଆରପି ନିୟମ), ୨୦୨୩ କାର୍ଯ୍ୟକାରୀ କରିଛନ୍ତି। ସରକାର ଗେଜେଟ ବିଜ୍ଞପ୍ତି ଜାରି କରି ଏହାର ନିୟମାବଳୀ ପ୍ରକାଶ କରିଛନ୍ତି। ଏହା ସହିତ ଆଇନ ୨୦୨୪ ମାର୍ଚ୍ଚ ପହିଲାରୁ ଲାଗୁ ହୋଇଛି । ଏଣିକି ଖବରକାଗଜ ଏବଂ ପତ୍ରିକା ଗୁଡ଼ିକର ପଞ୍ଜୀକରଣ ପିଆରପି ଅନୁଯାୟୀ ହେବ। ବିଜ୍ଞପ୍ତି ଅନୁଯାୟୀ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ- ପିଆରଜିଆଇ (ତତ୍କାଳୀନ ରେଜିଷ୍ଟ୍ରାର ଅଫ୍ ନ୍ୟୁଜ୍‌ପେପର୍ସ ଫର୍ ଇଣ୍ଡିଆ- ଆର୍‌ଏନ୍‌ଆଇ)ଙ୍କ କାର୍ଯ୍ୟାଳୟ ନୂଆ ଆଇନର ତଦାରଖ କରିବ । ନୂଆ ଆଇନରେ ଦେଶରେ ଖବରକାଗଜ ଏବଂ ଅନ୍ୟାନ୍ୟ ପତ୍ରିକାର ପଞ୍ଜୀକରଣ ସୁବିଧା ପାଇଁ ଏକ ଅନଲାଇନ୍ ବ୍ୟବସ୍ଥା କରାଯାଇଛି । ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ପଦକ୍ଷେପ ଏବଂ ଅନୁମୋଦନ ସହିତ ଜଡିତ ପ୍ରଚଳିତ ମାନୁଆଲ, ଜଟିଳ ପ୍ରକ୍ରିୟାକୁ ଏହି ନୂତନ ବ୍ୟବସ୍ଥା ବଦଳାଇ ଦେଇଛି। ପ୍ରକାଶକମାନଙ୍କ ପାଇଁ ଅନାବଶ୍ୟକ ସମସ୍ୟା ସୃଷ୍ଟି କରୁଥିବା ନିୟମକୁ ହଟାଇ ଦିଆଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ନୂଆ ଆଇନ ଅନୁଯାୟୀ ବିଭିନ୍ନ ଆବେଦନ ଗ୍ରହଣ ନିମନ୍ତେ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲଙ୍କ ଅନଲାଇନ୍ ପୋର୍ଟାଲ ପ୍ରେସ୍ ସେବା ପୋର୍ଟାଲର ଶୁଭାରମ୍ଭ କରିଥିଲେ । ଏବେ ସମସ୍ତ ଆବେଦନର ସମାଧାନ ଅନ୍‌ଲାଇନ୍ ମାଧ୍ୟମରେ କରାଯିବ।

# ବିଶ୍ୱର ଶ୍ରେଷ୍ଠ ୨୫୦ ହସ୍ପିଟାଲ ମଧ୍ୟରେ ଭାରତର ୩

**ନୂଆଦିଲ୍ଲୀ,୨।୩(ଏଜେନ୍ସି)**

ମହାମାରୀ କରୋନା କାଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ବ୍ୟବସ୍ଥା ବିଶ୍ୱର ସବୁ ଦେଶଙ୍କ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା। ଯାହାକୁ ନେଇ ଆମେରିକା ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଠାରୁ ଆରମ୍ଭ କରି ଏସୀୟ ମହାଦେଶରେ ସତର୍କ ଘଣ୍ଟି ବାଜିଥିଲା। ଏହିକ୍ରମରେ ପ୍ରାୟ ସବୁ ଦେଶ ନିଜ ନିଜର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥିଲେ। ବିଗତ ୩ ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା ବେଳେ ୨୦୨୪ରେ ବିଶ୍ୱର ଶ୍ରେଷ୍ଠ ୨୫୦ ହସ୍ପିଟାଲ ସମ୍ପର୍କରେ ମଧ୍ୟ ରିପୋର୍ଟ ପ୍ରକାଶ କରାଯାଇଛି। ବିଶ୍ୱର ଯେକୌଣସି ରାଷ୍ଟ୍ର ତୁଳନାରେ ଆମେରିକାର ହସ୍ପିଟାଲ ବ୍ୟବସ୍ଥା ସବୁଠୁ ଉନ୍ନତ ବୋଲି ପୂର୍ବରୁ ରେକର୍ଡ ରହି ଆସିଥିଲା। କିନ୍ତୁ କରୋନା କାଳରେ ଯେଉଁଳି ସ୍ଥିତି ଉପୁଜିଥିଲା ତାହା ଆମେରିକାର ହେଲଥ୍ କେୟାର ସିଷ୍ଟମକୁ ନେଇ ବିଭିନ୍ନ ସ୍ତରରେ ବିତର୍କ ବଢାଇଥିଲା। ଏହାସତ୍ତ୍ୱେ ଏବେ ପ୍ରକାଶ ପାଇଥିବା ରିପୋର୍ଟରେ ମଧ୍ୟ ଆମେରିକା ସବୁଠୁ ଆଗୁଆ ରହିଥିବା ଜଣାପଡ଼ିଛି। ବିଶ୍ୱର ୨୫୦ଟି ସର୍ବୋତ୍ତମ ହସ୍ପିଟାଲର ସୂଚୀରେ ଆମେରିକାର ସବୁଠୁ ଅଧିକ ଭାବେ ୪୩ ହସ୍ପିଟାଲ ଅଛନ୍ତି। ଏହି ତାଲିକାର ପ୍ରଥମ ଶ୍ରେଷ୍ଠ ହସ୍ପିଟାଲ ମଧ୍ୟରେ ଆମେରିକାର ୪ଟି ହସ୍ପିଟାଲ ରହିଛି। ନ୍ୟୁୟର୍କ ଷ୍ଟେଟର ରୋଚେଷ୍ଟରସ୍ଥିତ ମେୟୋ କ୍ଲିନିକ୍ ବିଶ୍ୱର ଏକ ନମ୍ବର ହସ୍ପିଟାଲ ଭାବେ ସ୍ଥାନ ପାଇଛି। ସେହିପରି ଦ୍ୱିତୀୟ ସ୍ଥାନରେ ଆମେରିକାର କ୍ଲିଭଲ୍ୟାଣ୍ଡ କ୍ଲିନିକ୍, ତୃତୀୟ ସ୍ଥାନରେ କାନାଡାର ଟୋରଣ୍ଟୋ ଜେନେରାଲ ୟୁନିଭର୍ସିଟି ହେଲଥ୍ ନେଟୱାର୍କ, ଚତୁର୍ଥ ସ୍ଥାନରେ ଆମେରିକାର ଜନ୍ସ ହପକିନ୍ସ ହସ୍ପିଟାଲ ଥିବା ବେଳେ ପଞ୍ଚମ ସ୍ଥାନରେ ଆମେରିକାର ମାସାଚ୍ୟୁସେଟସ୍ ଜେନେରାଲ ହସ୍ପିଟାଲ



ରହିଛି। ଏହି ତାଲିକାର ଶ୍ରେଷ୍ଠ ୧୦ ସ୍ଥାନରେ ଜର୍ମାନୀ, ସ୍ୱିଡେନ, ଇସ୍ରାଏଲ ଓ ଫ୍ରାନ୍ସର ହସ୍ପିଟାଲ ରହିଛି। ଜର୍ମାନୀର ୨୩ ଏବଂ ଦକ୍ଷିଣ କୋରିଆର ୧୭ ହସ୍ପିଟାଲକୁ ଏହି ତାଲିକାରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ୨୫୦ ଶ୍ରେଷ୍ଠ ହସ୍ପିଟାଲ ତାଲିକାରେ ଭାରତର ମାତ୍ର ୩ଟି ହସ୍ପିଟାଲ ସାମିଲ ରହିଛି। ଏଥିରୁ ୨ଟି ସରକାରୀ ହସ୍ପିଟାଲ ହୋଇଥିବା ବେଳେ ଗୋଟିଏ ଘରୋଇ ହସ୍ପିଟାଲ ରହିଛି। ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)କୁ ୧୧୩ ତମ ସ୍ଥାନ ମିଳିଛି। ସେହିପରି ଗୁରୁଗ୍ରାମର ଘରୋଇ ହସ୍ପିଟାଲ ମେଦାନ୍ତ ହସ୍ପିଟାଲ ୧୬୬ତମ ସ୍ଥାନରେ ଥିବା ବେଳେ ଚଣ୍ଡିଗଡ଼ର ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ପିଜିଆଇଏମଇଆର) ୨୪୬ତମ ସ୍ଥାନରେ ରହିଛି ।ସେଣ୍ଟ୍ରାଲ ବ୍ୟୁରୋ ଅଫ ହେଲଥ୍ ଇଣ୍ଟେଲିଜେନ୍ସ (ସିବିଏଚଆଇ)ଙ୍କ ୨୦୧୯ ରିପୋର୍ଟ ଅନୁସାରେ ଭାରତରେ ମୋଟ ୨୩,୫୮୧ ସରକାରୀ ହସ୍ପିଟାଲ ଓ ୨୨ କେନ୍ଦ୍ର ସରକାରଙ୍କ ହସ୍ପିଟାଲ ଥିଲା। ଗତ କିଛି ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ବୃଦ୍ଧି ଘଟିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ୩୦ଟି ରାଷ୍ଟ୍ରର ୨୪୦୦ ହସ୍ପିଟାଲର ତଥ୍ୟ ଏବଂ ପ୍ରାୟ ୮୫,୦୦୦ ମେଡିକାଲ ବିଶେଷଜ୍ଞଙ୍କ ଦ୍ୱାରା ଅନଲାଇନ ବ୍ୟବସ୍ଥାରେ କରାଯାଇଥିବା ସର୍ଭେ ଆଧାରରେ ୨୫୦ ଶ୍ରେଷ୍ଠ ହସ୍ପିଟାଲର ଏହି ତାଲିକା ଜାରି କରାଯାଇଛି।



ଶିଳ୍ପପତି ମୁକେଶ ଅମ୍ବାନୀଙ୍କ କନିଷ୍ଠ ପୁତ୍ର ଅନନ୍ତଙ୍କ 'ପ୍ରି ୱେଡିଙ୍ଗ୍ ସେରିମନି'ରେ ମେଟା ମୁଖ୍ୟ ମାର୍କ ଜୁକରବର୍ଗ

## ଗୁଗୁଲକୁ ଆପ୍ ହଟାଇବାର ଅନୁମତି ଦେଇପାରିବୁ ନାହିଁ: ଅଶ୍ୱିନୀ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଆପତ୍ତି ପରେ ପ୍ଲେ ଷ୍ଟୋରରୁ ହଟାଇ ଦେଇଥିବା ୧୦ ଭାରତୀୟ ଆପ୍ଲିକେସନକୁ ଗୁଗଲ ପୁଣିଥରେ ରିଷ୍ଟୋର କରିଛି। ସରକାରୀ ସୂତ୍ରରୁ ଶନିବାର ଏହି ସୂଚନା ମିଳିଛି। ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ 'ଇନ୍ ଆପ୍ ପେମେଣ୍ଟ' ମାମଲାରେ ଭାରତୀୟ ଆପକୁ ହଟାଇବାର ଅଧିକାରୀ ଗୁଗଲକୁ ଦେଇପାରିବୁ ନାହିଁ। ଏହି ବିବାଦର ସମାଧାନ ଲାଗି ଆସନ୍ତା ସପ୍ତାହରେ ଗୁଗଲ ଏବଂ ପ୍ଲେ ଷ୍ଟୋର ହଟା ଯାଇଥିବା ଆପ୍ ସମ୍ବନ୍ଧିତ ଷ୍ଟାର୍ଟଅପ୍‌ର ପ୍ରତିନିଧିଙ୍କ ସହ ବୈଠକ କରାଯିବ। ସୂଚନା ଅନୁଯାୟୀ କମ୍ପାନୀ ଆପ୍ ବିଲିଂ ପିଲିସି ଆଧାରରେ ଶୁକ୍ରବାର ୧୦ ଆପ୍ ମ୍ୟାଟ୍ରିମନି, ସାଦି ଡଟ୍ କମ, ନୌକରି ଡଟ୍ କମ୍, ୯୯-ଏକର୍ସ ଡଟ କମ୍, ଅଲଟ, ଷ୍ଟେଜ, ଅହା, ଟ୍ରୁଲି ମ୍ୟାଡଲି, କ୍ୱେକ, କୁକୁ ଏଫ୍ଏମ୍ ଏବଂ ଏଫଆରଏନଡିକୁ ପ୍ଲେ ଷ୍ଟୋରରୁ ହଟାଇ ଦେଇଥିଲା। ଏହି ଆପ୍‌ଗୁଡିକୁ ନୀତି ମାନିବା ପାଇଁ ୩ ବର୍ଷ ସମୟ ଦିଆଯାଇଥିଲା। ଏପରି କରିବାକୁ ମନା କରିବାରୁ ଆପ୍‌ଗୁଡିକୁ ହଟାଇ ଦିଆଯାଇଥିଲା ବୋଲି ଗୁଗଲ ପକ୍ଷରୁ କୁହାଯାଇଥିଲା।

**ଦିନକ ତଳେ ହଟାଇ ଥିଲା ୧୦ ଆପ୍ ପୁଣି ସାମିଲ୍ ହେଲା ମାଟ୍ରିମୋନିଆଲ୍ ଆପ୍**

ଏହି ମାମଲାରେ ବୈଷ୍ଣବ କହିଥିଲେ ଯେ ଭାରତର ବହୁତ ସ୍ପଷ୍ଟ ନୀତି ରହିଛି। ଆମ ଷ୍ଟାର୍ଟଅପ୍‌କୁ ସେହି ସୁରକ୍ଷା ମିଳିବ ଯାହା ତାଙ୍କର ଆବଶ୍ୟକତା ରହିଛି। ଗୁଗଲ ନିଜ ଦୃଷ୍ଟିକୋଣରୁ ଉଚିତ ଥାଇପାରେ। କିନ୍ତୁ ଭାରତ ପାଖରେ ଏକ ବହୁତ ବଡ଼ ଷ୍ଟାର୍ଟଅପ୍ ଇକୋସିଷ୍ଟମ ରହିଛି। ସେମାନଙ୍କର ସ୍ୱାର୍ଥର ସୁରକ୍ଷା କରିବା ଜରୁରୀ।

## ମାସକରେ ୧୫ ହଜାରରୁ ଅଧିକ କର୍ମଚାରୀ ଛଟେଇ କରିଛନ୍ତି ଟେକ୍ କମ୍ପାନୀ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ମହାମାରୀ କରୋନା କାଳରୁ ବିଭିନ୍ନ କ୍ଷେତ୍ରରେ ଆରମ୍ଭ ହୋଇଥିବା ଛଟେଇ ଏବେ ମଧ୍ୟ କିଛି କ୍ଷେତ୍ରରେ ଜାରି ରହିଛି। ବିଶେଷକରି ବୈଷୟିକ କ୍ଷେତ୍ରରେ ଏବେ ମଧ୍ୟ ଏହି ସ୍ଥିତି ଜାରି ରହିଛି। ସ୍ଥିତି ସୁଧୁରୁଥିଲେ ବି ଛଟେଇର ଧାରା ଜାରି ରହିଛି। ବୈଷୟିକ କ୍ଷେତ୍ରରେ ମାନବସମ୍ବଳ ଉପଯୋଗ କ୍ରମଶଃ କମି କମି ଯାଉଥିବା ଦେଖାଯାଇଛି। ଯାହାର ଉଦାହରଣ ବିଗତ ଦିନରେ ଦେଖିବାକୁ ମିଳିଛି। କରୋନା ପରେ ଟେକ୍ କମ୍ପାନୀଗୁଡ଼ିକ ଅଧିକ ଛଟେଇ କରିଆସିଥିଲା ବେଳେ ୨୦୨୪ ବର୍ଷର ପ୍ରଥମ ଦୁଇ ମାସରେ ପ୍ରାୟ ୫୦ ହଜାର କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଗୁଗଲ, ଆମାଜନ, ମାଇକ୍ରୋସଫ୍ଟ,ସେଲସ ଫୋର୍ସଙ୍କ ଭଳି ଜିଆଣ୍ଟ କମ୍ପାନୀଙ୍କ ଠାରୁ ଆରମ୍ଭ କରି ୧୮୦ଟି ପ୍ରମୁଖ ଷ୍ଟାର୍ଟଅପ୍‌ରୁ ଏହି ସଂଖ୍ୟକ କର୍ମଚାରୀ ଛଟେଇ ହୋଇଛନ୍ତି। ଏକ ରିପୋର୍ଟ ଅନୁସାରେ ଅର୍ଥନୈତିକ ଅସ୍ଥିରତାକୁ ଦୃଷ୍ଟିରେ ରଖି ବ୍ୟବସାୟ ପରିବର୍ତ୍ତନ କରିବା କାରଣରୁ ଏକାଧିକ କମ୍ପାନୀ ଛଟେଇ କରୁଛନ୍ତି। କେବଳ ଫେବୃଆରୀ ମାସରେ ୧୫ ହଜାର କର୍ମଚାରୀ ଛଟେଇ ହୋଇଛନ୍ତି। ଏହିକ୍ରମରେ ସିସ୍‌କୋ ୪ ହଜାରରୁ ଅଧିକ କର୍ମଚାରୀ ଛଟେଇ କରିଛି। କମ୍ପାନୀ ନିଜ ମାନବସମ୍ବଳର ୫ ପ୍ରତିଶତ ୪,୨୫୦ କର୍ମଚାରୀ ଛଟେଇ କରିବ ବୋଲି ଘୋଷଣା କରିଛି। ସେହିପରି ଏକ୍ସପିଡିଆ- ଟ୍ରାଭେଲ୍ ୱେବ୍‌ସାଇଟ୍ କମ୍ପାନୀ ୧୫୦୦ କର୍ମଚାରୀ ଛଟେଇ କରିଛି। ବିଶେଷ କରି ଟେକ୍ ଡିଭିଜନରୁ ଏହି ଛଟେଇ କରାଯାଇଛି। ସୋନି ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ୯୦୦ କର୍ମଚାରୀ ଛଟେଇ କରାଯାଇଛି। ଏହା ହେଉଛି ସାରା ବିଶ୍ୱରେ କମ୍ପାନୀରେ କାର୍ଯ୍ୟ କରୁଥିବା କର୍ମଚାରୀ ସଂଖ୍ୟାର ୮ ପ୍ରତିଶତ। ଆମାଜନ ନିଜର ମେଡିକାଲ ଓ ଫାର୍ମାସୀ ବିଭାଗରୁ ୪୦୦ କର୍ମାଚାରୀ ଛଟେଇ କରିଛି। କମ୍ପାନୀ ନିଜର କାର୍ଯ୍ୟଦକ୍ଷତାକୁ ନେଇ ପୁନଃ ବ୍ୟବସ୍ଥିତ କରିବା ସହିତ କରିବା ସହିତ ନିଜର ମାନବସମ୍ବଳ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନେଇଥିବା କହିଛି। ଅନ୍ୟ ଟେକ୍ କମ୍ପାନୀଙ୍କ ମଧ୍ୟରେ ସ୍ୱାପ ୫୨୮(୧୦ ପ୍ରତିଶତ) କର୍ମଚାରୀ ଛଟେଇ କରିଥିବା ବେଳେ ଡେଟିଂ ଆପ୍ ବମ୍ବଲେ ୩୫୦(୩୦ ପ୍ରତିଶତ) କର୍ମଚାରୀ, ପାରାମାଉଣ୍ଟ ୮୦୦(୩ ପ୍ରତିଶତ), ଇଏ ୬୫୦(୫ ପ୍ରତିଶତ), ଇନ୍‌ଷ୍ଟାକାର୍ଟ ୨୫୦(୭ ପ୍ରତିଶତ), ଗ୍ରାମାରଲି ୨୩୦ (୨୩ ପ୍ରତିଶତ) କର୍ମଚାରୀ, ଫାୟାରଫକ୍ସ ମୋଜିଲା ୬୦ (୫ ପ୍ରତିଶତ) କର୍ମଚାରୀ ଛଟେଇ କରିବାକୁ ଘୋଷଣା କରିଛନ୍ତି।

## ଆର୍ସେଲର ମିତ୍ତଲ-ନିପ୍ପନ୍ ଷ୍ଟିଲ୍ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ




**ଭୁବନେଶ୍ୱର,୨।୩(ସମିସ):** ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ(ସିଏସଆର) ପଦକ୍ଷେପ ସ୍ୱରୂପ "ଆରୋଗ୍ୟ"ପ୍ରକଳ୍ପର ଏକ ଅଂଶ ଭାବେ ମହାକାଳପଡ଼ା ବ୍ଲକର ୧୧ଟି ଗ୍ରାମରେ ମଲ୍ଟି-ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି । ଏହି ଅଞ୍ଚଳରେ ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଖରିନାସୀ ଗ୍ରାମରେ ପ୍ରଥମ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା ।ଏଥିରେ ସ୍ତ୍ରୀ ରୋଗ ବିଶେଷଜ୍ଞ,ଚର୍ମରୋଗ ବିଶେଷଜ୍ଞ,ଚକ୍ଷୁ ଚିକିତ୍ସକ, ଶିଶୁ ବିଶେଷଜ୍ଞ ଏବଂ ଔଷଧ ବିଶେଷଜ୍ଞଙ୍କ ଏକ ଟିମ୍ ମାଗଣା ଚିକିତ୍ସା ଏବଂ ପରାମର୍ଶ ପ୍ରଦାନ କରିଥିଲେ। ପ୍ରେସକ୍ରିପସନ୍ ଆଧାରରେ ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ।ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଫିସର ଇନ୍-ଚାର୍ଜ ଡକ୍ଟର ନିରଞ୍ଜନ ଷଡ଼ଙ୍ଗୀ, ଖରିନାସିର ସରପଞ୍ଚ ବନିତା ରାଉତ,ଏଏମ୍ / ଏନ୍‌ଏସ୍ ଇଣ୍ଡିଆ- ଓଡିଶା ଅପରେସନ୍ସ ଫାଇନାନ୍ସ ମୁଖ୍ୟ ସଞ୍ଜୀବ ସିଂ,ଏଏମ୍ / ଏନ୍‌ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ,କମ୍ପାନୀର ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ଶିବିର ଉଦଘାଟିତ ହୋଇଥିଲା । ଏହି ଅବସରରେ ଡକ୍ଟର ବିକାଶ ଯାଦଭେନ୍ଦୁ କହିଥିଲେ ଯେ,"ସମସ୍ତେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବାକୁ ଯୋଗ୍ୟ ଏବଂ ଜରୁରୀ ସ୍ୱାସ୍ଥ୍ୟ ସେବାକୁ ସିଧାସଳଖ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଆମେ ଉଦ୍ୟମ ଜାରି ରଖିବୁ। କମ୍ପାନୀର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁଳି ସାମଗ୍ରିକ ବିକାଶ ହୋଇପାରିବ ଏବଂ କେନ୍ଦ୍ରାପଡା ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହୋଇପାରିବ ସେଥିନେଇ ସହଯୋଗ କରିବା ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ।

# ଜେ ଏନ୍ ଟାଟା: ଅଗ୍ରଣୀ ଚିନ୍ତାଧାରାର ବ୍ୟକ୍ତିତ୍ୱ

**ଭୁବନେଶ୍ୱର,୨।୩(ସମିସ):** ୧୨୦ ବର୍ଷ ପୂର୍ବେ ୧୯୦୪ ମସିହା ଫେବୃଆରୀ୨୪ ତାରିଖରେ ଭାରତର ଅଗ୍ରଣୀ ଭୂତତ୍ତ୍ୱବିତ୍ ପ୍ରମଥ ନାଥ ବୋଷ ଓଡ଼ିଶାର ତତ୍କାଳୀନ ରାଜ୍ୟ ମୟୂରଭଞ୍ଜର ଗୋରୁମାହିସାଣି ପାହାଡ଼ରେ ଲୁହାପଥର ଭଣ୍ଡାର ଠାବ କରିବା ନେଇ ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମସେଦ ଜୀ ନୁସେରୱାନୀ ଟାଟାଙ୍କୁ ଏକ ଚିଠି ଲେଖିଥିଲେ। ଏହି ଚିଠି ଶିଳ୍ପ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଏକ ଶତାବ୍ଦୀରୁ ଅଧିକ ସମୟ ଧରି ହୋଇଥିବା ସହଯୋଗର କାରଣ ପାଲଟିଛି। ମାର୍ଚ୍ଚ ୩ ତାରିଖରେ ଟାଟା ଷ୍ଟିଲ୍ ଏବଂ ଟାଟା ଗ୍ରୁପ୍ ଦ୍ୱାରା ଜେ ଏନ୍ ଟାଟାଙ୍କ ୧୮୫ତମ ଜୟନ୍ତୀ ପାଳନ କରାଯାଉଥିବା ବେଳେ



ତାଙ୍କ ଦ୍ୱାରା କର୍ପୋରେଟ୍ ନାଗରିକତାର ସ୍ଥାୟୀତ୍ୱ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଆଜି ପର୍ଯ୍ୟନ୍ତ କମ୍ପାନୀକୁ ମାର୍ଗଦର୍ଶନ ଜାରି ରଖିଛି ।ଜାମସେଦ ଜୀ ଟାଟା ଉଦ୍ୟୋଗୀଙ୍କ ଠାରୁ ବହୁ ଉର୍ଦ୍ଧ୍ୱରେ ଥିଲେ , ଯିଏକି ଭାରତକୁ ବିଶ୍ୱର ଶିଳ୍ପୋଦ୍ୟୋଗିକ ରାଷ୍ଟ୍ରମାନଙ୍କର ସୂଚୀରେ ସ୍ଥାନିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଭିତରେ ଥିବା ଜାତୀୟତାବାଦର ଭାବନାକୁ ସେ ସର୍ବଦା ଉଚ୍ଚରେ ରଖିଥିଲେ। ଯାହା ତାଙ୍କ ବ୍ୟବସାୟିକ ସଫଳତାର ଫଳ କିପରି ଦେଶ ସମୃଦ୍ଧିର ଏକ ମାର୍ଗ ହେଇପାରିବ ସେହି ଦିଗରେ ଚିନ୍ତା କରୁଥିଲେ। ଏହି ଅନ୍ତର୍ନିହିତ ଗୁଣଗୁଡ଼ିକ ତାଙ୍କୁ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଭାବେ

### ■ ୧୮୫ତମ ଜୟନ୍ତୀ ଦିବସ

ପରିଗଣିତ କରିଥିଲା। କିନ୍ତୁ ଜାମସେଦ୍ ଜୀ ଭିତରେ ଥିବା ମାନବିକତାର ଚେତନା ପ୍ରକୃତରେ ତାଙ୍କୁ ଅନନ୍ୟ କରିବା ସହ ଆଧୁନିକ ଭାରତର ହୃଦୟରେ ଏହା ମହାନ ବ୍ୟକ୍ତିତ୍ୱ ଭାବେ ସ୍ଥାନ ଦେଇଛି। ବିଦେଶୀ ଶାସନ ଏବଂ ଦାରିଦ୍ର୍ୟ ଅଧୀନରେ ସଂଘର୍ଷ କରୁଥିବା ଲୋକଙ୍କ ପ୍ରତି ଜାମସେଦ୍ ଜୀଙ୍କ ଉଦାର ଏବଂ କରୁଣା ମନୋଭାବ ଟାଟା ଗ୍ରୁପର ଅନନ୍ୟ ଢାଞ୍ଚାକୁ ରୂପାନ୍ତରିତ କରିଥିଲା। ତାଙ୍କ ବିୟୋଗ ପରେ ମଧ୍ୟ କମ୍ପାନୀର ସମ୍ପତ୍ତି ମୁଖ୍ୟତଃ ସାମାଜିକ ବିକାଶ ପାଇଁ ସମର୍ପିତ ଟ୍ରଷ୍ଟମାନଙ୍କ ପାଖରେ ରହିଥିଲା ଯାହା ପ୍ରତିଷ୍ଠାତାଙ୍କ ବ୍ୟବସାୟ ଦର୍ଶନର ମୂଳରେ ଥିବା ଜନସ୍ୱାର୍ଥ ଭାବନାକୁ ପ୍ରତିଫଳିତ କରୁଛି । ଟାଟା ଷ୍ଟିଲ୍ ବର୍ତ୍ତମାନ ମଧ୍ୟ ଏହି ନୀତି ମାଧ୍ୟମରେ ଅନୁପ୍ରାଣିତ ହେଇ ଓଡ଼ିଶା ସମେତ ଏହାର ଅନ୍ୟ ପରିଚାଳିତ ସ୍ଥାନଗୁଡ଼ିରେ ନିଜର କାର୍ଯ୍ୟକଳାପ ମାଧ୍ୟମରେ ଉନ୍ନତି ସାଧନ ସହ ସଠିକ ଆକାର ଦେବା ଦିଗରେ ଚେଷ୍ଟିତ ରହିଛି। ଓଡ଼ିଶାରେ ଟାଟା ଷ୍ଟିଲର ଅବସ୍ଥିତିରେ ୧୯୨୮ରେ ମାଙ୍ଗାନିଜ୍ ଓ ୧୯୪୯ରେ କ୍ରୋମ୍ ପଥର ଆବିଷ୍କାର ଭଳି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରହିଛି। ଯାହା ଫଳରେ ବିଭିନ୍ନ ସ୍ଥାନରେ ଖଣି କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୬ରେ ଗୋପାଳପୁର ଶିଳ୍ପ ପାର୍କ କାର୍ଯ୍ୟକ୍ଷମ ହେବା, ୨୦୧୫ରେ କଳିଙ୍ଗନଗର ଇସ୍ପାତ କାରଖାନାର ପ୍ରଥମ ପର୍ଯ୍ୟାୟ ଏବଂ ୨୦୧୭ରେ ଭୂଷଣ ଷ୍ଟିଲ୍ (ଯାହା ବର୍ତ୍ତମାନ ଟାଟା ଷ୍ଟିଲ୍ ମେରାମଣ୍ଡଳୀ) ଏବଂ ୨୦୨୨ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ସମେତ ସମସ୍ତ ଶିଳ୍ପ ଧାରାର ବିକାଶ ସହିତ ଏହି ଅଗ୍ରଗତିର କାହାଣୀ ଜାରି ରହିଛି।

